# ମାଟିର ପୁଅ, ଆମଦାନୀ ନେତାଙ୍କୁ ନେଇ ରାଜନୀତି

## ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ

ଜଗତ୍‌ସିଂହପୁର, ୮।୫
(ପ୍ରମୋଦ କୁମାର ନାୟକ)


ଅମରେନ୍ଦ୍ର ଦାସ


ଚିରଞ୍ଜୀବୀ ବିଶ୍ୱାଳ


ଜ୍ୟୋତିଷ ଚନ୍ଦ୍ର ଦାସ


ପ୍ରଶାନ୍ତ କୁମାର ମୁଦୁଲି

ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ମାଟିର ପୁଅ ଓ ଆମଦାନୀ ନେତାଙ୍କୁ ନେଇ ଆଲୋଚନା ଜୋର ଧରିଛି। ବିଗତ ୨ଟି ନିର୍ବାଚନ କଥା ଦେଖିଲେ ଜଣାଯାଏ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ ବାହାର ନେତାଙ୍କୁ ଆମଦାନୀ କରି ବିଧାୟକ କରିବାର ସୁଯୋଗ ଦେଇଛି। ସେମାନେ ହେଲେ ବିଜେଡି ନେତା ପ୍ରଶାନ୍ତ ମୁଦୁଲି ଓ କଂଗ୍ରେସ ଛାଡି ନୂଆକରି ବିଜେଡିରେ ମିଶିଥିବା ଚିରଞ୍ଜୀବ ବିଶ୍ୱାଳ। ପ୍ରଶାନ୍ତ ଜଗତ୍‌ସିଂହପୁର ଜିଲା ଅନ୍ତର୍ଗତ ବାଲିକୁଦା ଓ ଚିରଞ୍ଜୀବ ତିର୍ତ୍ତୋଲ ବ୍ଲକ ଅଞ୍ଚଳର ଲୋକ। ପ୍ରଶାନ୍ତ ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀରୁ ୨ ଥର ଓ ଜଗତ୍‌ସିଂହପୁରରୁ ଥରେ ବିଧାୟକ ହେବାର ଗୌରବ ହାସଲ କରିଛନ୍ତି। ସେହିପରି ଚିରଞ୍ଜୀବ ତିର୍ତ୍ତୋଲରୁ ଥରେ ଏବଂ ଜଗତ୍‌ସିଂହପୁର ବିଧାନସଭା ଆସନରୁ ଥରେ ଏହିପରି ମୋଟ ୨ ଥର ବିଧାୟକ ହୋଇଛନ୍ତି। ବଡ କଥା ହେଲା ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟର ୨୦୧୪ରୁ ପୃଥକ୍ ଭାବେ ଏହି ଦୁଇ ନେତାଙ୍କୁ ବିଧାୟକ ସୁଯୋଗ ଦେଇଛନ୍ତି। ୨୦୧୪ରେ ତତ୍କାଳୀନ କଂଗ୍ରେସ ନେତା ଚିରଞ୍ଜୀବ ଏବଂ ୨୦୧୯ରେ ବିଜେଡି ନେତା ପ୍ରଶାନ୍ତ ବିଧାୟକ ହୋଇ ପାରିଥିଲେ। ୨୦୨୪ ନିର୍ବାଚନରେ ମଧ୍ୟ ପ୍ରଶାନ୍ତଙ୍କୁ ବିଜେଡି ପୁଣି ପ୍ରାର୍ଥୀ କରିଛି। କିନ୍ତୁ ଚିରଞ୍ଜୀବ କଂଗ୍ରେସ ଛାଡ଼ି ବିଜେଡିରେ ମିଶିଥିଲେ ସୁଦ୍ଧା ଟିକେଟ୍ ନ ପାଇବାରୁ ନିରାଶ ହୋଇଛନ୍ତି। ତଥାପି ଦଳ ନିଷ୍ପତ୍ତିକୁ ସମ୍ମାନ ଜଣାଇ ପ୍ରଶାନ୍ତଙ୍କୁ ଜିତାଇବା ପାଇଁ ଅଣ୍ଟା ଭିଡିଛନ୍ତି। ଅନ୍ୟପକ୍ଷେ ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ ଯିଏକି ବିଜେଡି ଜିଲା କାର୍ଯ୍ୟକାରୀ ସଭାପତି ଅଛନ୍ତି, ସେ ମଧ୍ୟ ପ୍ରଶାନ୍ତଙ୍କୁ ଜିତାଇବା ପାଇଁ ପୁରା ଦମ୍ ଲଗାଇ ଦେଇଛନ୍ତି। ଅନ୍ୟପଟେ ଭାଜପା ପ୍ରାର୍ଥୀ ଅମରେନ୍ଦ୍ର ଦାସ ବିଜେଡିକୁ ଟକ୍କର ଦେବା ପାଇଁ ରଣନୀତି ପ୍ରସ୍ତୁତ କରୁଛନ୍ତି ।

ଏ ସମ୍ପର୍କରେ ସ୍ଥାନୀୟ କେତେଜଣ ରାଜନୈତିକ ସମୀକ୍ଷକ ପ୍ରତିକ୍ରିୟାରେ କହିଛନ୍ତି ପ୍ରଶାନ୍ତ ୨୦୧୯ ସାଧାରଣ ନିର୍ବାଚନର ଖୁବ୍ କମ ଦିନ ଭିତରେ ପ୍ରାର୍ଥୀ ହୋଇ ଜିତିଥିଲେ। ସେତେବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲାଗି ସେ ବିଜୟୀ ହୋଇଥିବା କୁହାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ସେ ଠିକ୍ ଭାବେ ସଙ୍ଗଠନ ରଖି ପାରି ନ ଥିଲେ ବୋଲି ଦଳ ଭିତରୁ ସ୍ୱର ଉଠିଥିଲା। ବର୍ତ୍ତମାନର ଭାଜପା ପ୍ରାର୍ଥୀ ଅମରେନ୍ଦ୍ର ସେତେବେଳେ ବିଜେଡିରେ ଥିବାରୁ ସାମନ୍ତରାଳ ସଙ୍ଗଠନ କରି ଆଗକୁ ବଢ଼ିବାକୁ ସୁଯୋଗ ପାଇଥିଲେ। କଂଗ୍ରେସ ନେତା ଚିରଞ୍ଜୀବ ମଧ୍ୟ ଗତ ୫ ବର୍ଷ ନିର୍ବାଚନମଣ୍ଡଳୀ ସହ ସମ୍ପର୍କରେ ନ ଥିଲେ। ଏହା ଭିତରେ ରାଜନୈତିକ ଚିତ୍ର ବଦଳିବାକୁ ଲାଗିଥିଲା। ଆମଦାନୀ ନେତାଙ୍କ ଉପରୁ ଧୀରେ ଧୀରେ ଭୋଟରଙ୍କ ଆସ୍ଥା ତୁଟିବାକୁ ଲାଗିଥିଲା। ଅମରେନ୍ଦ୍ର ନିର୍ବାଚନମଣ୍ଡଳୀ ବିଶେଷକରି ଜଗତ୍‌ସିଂହପୁର ସହରର ଲୋକ। ସେ ବିଜେଡିରୁ ଟିକେଟ ନ ପାଇବାରୁ ଦଳ ଛାଡି ଭାଜପାରେ ମିଶି ଟିକେଟ ପାଇଛନ୍ତି। ଭାଜପା ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର କହିଛନ୍ତି, ଅମରେନ୍ଦ୍ରଙ୍କ ପ୍ରତି ଜନସମର୍ଥନ ରହିଛି। ଏବେ ମୋଦି ହାୱା ଚାଲିଥିବାରୁ ତାଙ୍କ ପ୍ରଦର୍ଶନ ଭଲ ରହିବ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ କଂଗ୍ରେସ ଜିଲା ସଭାପତି ନଟବର ବାରିକ କହିଛନ୍ତି, ତାଙ୍କ ଦଳରୁ ପ୍ରତିମା ମଲ୍ଲିକ ପ୍ରାର୍ଥୀ ହୋଇଛନ୍ତି। ଏଥର ଏଠାରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ। ବିଜେଡି ଜିଲା ଉପସଭାପତି ଦିପ୍ତୀ ଦାସ କହିଛନ୍ତି, ଲୋକେ ମୁଖ୍ୟମନ୍ତ୍ରୀଙ୍କ ଉପରେ ଭରସା କରି ଭୋଟର ତାଙ୍କ ପ୍ରାର୍ଥୀଙ୍କୁ ସମର୍ଥନ ଦେବେ। ତେବେ ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର ଅମରେନ୍ଦ୍ର ପ୍ରାର୍ଥିପତ୍ର ଦାଖଲ କରିବେ।

## ଟ୍ରେନ୍ ଆଗକୁ ଡେଇଁ ଛାତ୍ରଙ୍କ ଆତ୍ମହତ୍ୟା

କୁଜଙ୍ଗ, ୮।୫ (ମନୋଜ ପ୍ରଧାନ)

ପାଠ ପଢୁ ନ ଥିବାରୁ ମା' ରାଗିକି ପୁଅକୁ ଗାଳି କରିବାରୁ ସେ ଟ୍ରେନ ଆଗକୁ ଡେଇଁ ବୁଧବାର ଆତ୍ମହତ୍ୟା କରିଥିବା ଜଣାପଡିଛି। ସେ ହେଲେ କୁଜଙ୍ଗ ଥାନା ବଡ଼ପାଳ ଗାଁର ବିନୋଦ ଦାଶଙ୍କ ଦଶମ ଶ୍ରେଣୀରେ ପଢୁଥିବା ପୁଅ ବିଶ୍ୱ (୧୫)। ମା' ବିରକ୍ତ ହେବାରୁ ସେ ରାଗି ଯାଇ ସାଇକେଲ ଯୋଗେ କଟକ-ପାରାଦୀପ ରେଳ ପଥର ବନିକୁନ୍ଦଠାରେ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି।

## ପାଇକା ନଦୀରୁ ଅଜଣା ଯୁବକଙ୍କ ମୃତଦେହ ଜବତ

କୁଜଙ୍ଗ,୮।୫ (ମନୋଜ ପ୍ରଧାନ)

କୁଜଙ୍ଗ ଥାନା ପୋଲିସ ବୁଧବାର ଜିଲାନାସୀ ପଞ୍ଚାୟତ ପାଇକା ନଦୀର ତିଖିରି ଘାଟ ନିକଟରେ ନଦୀରେ ଭାସୁଥିବା ଜଣେ ଯୁବକଙ୍କ ମୃତଦେହକୁ ଜବତ କରିଛି। ତାଙ୍କ ପରିଚୟ ମିଳିନାହିଁ। ପୋଲିସ ମୃତଦେହକୁ ଉଦ୍ଧାର କରି କୁଜଙ୍ଗ ଡାକ୍ତରଖାନାରେ ରଖିଛି। ମୃତକଙ୍କ ବୟସ ଆନୁମାନିକ ୪୫ ବର୍ଷ ହୋଇଥିବା ବେଳେ ତାଙ୍କ ପରିଚୟ ଜାଣିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି।

# ନିର୍ବାଚନୀ ପ୍ରଚାରର ମାଧ୍ୟମ ପାଲଟିଛି ସାମାଜିକ ଗଣମାଧ୍ୟମ

**ପ୍ରାର୍ଥୀ, ଅଞ୍ଚଳର ବିକାଶ ସମ୍ବନ୍ଧରେ କରାଯାଉଛି ବିଶ୍ଳେଷଣ**

କେନ୍ଦ୍ରାପଡ଼ା, ୮।୫(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାରେ ଚଳିତ ସାଧାରଣ ନିର୍ବାଚନ ଆସନ୍ତା ଜୁନ୍ ୧ରେ ହେବ। ଏଥିପାଇଁ ୭ ତାରିଖଠାରୁ ନାମାଙ୍କନ ପତ୍ର କ୍ରୟ ଓ ଦାଖଲ ଆରମ୍ଭ ହୋଇଛି। ଏହି ପରିପ୍ରକ୍ଷୀରେ ରାଜ୍ୟର ପ୍ରମୁଖ ରାଜନୈତିକ ଦଳଠାରୁ ଆରମ୍ଭକରି ସମ୍ଭାବ୍ୟ ସ୍ୱାଧୀନ ପ୍ରାର୍ଥୀ ଏହି ନିର୍ବାଚନୀ ବୈତରଣୀ ପାର ପାଇଁ ପ୍ରଚାର ପ୍ରସାରକୁ ଗୁରୁତ୍ୱ ଦେଇଛନ୍ତି। ଏହାର ପ୍ରମୁଖ ଭୂମିକା ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳୁଛି। ପ୍ରତିପକ୍ଷଙ୍କ ଉଦ୍ଦେଶ୍ୟରେ ହେଉ ଅଥବା ନିଜ ସପକ୍ଷରେ ପୋଷ୍ଟ ସବୁ ପ୍ରାର୍ଥୀ ଓ ସମର୍ଥକଙ୍କ ସାମାଜିକ ଗଣମାଧ୍ୟମ ଆକାଉଣ୍ଟରେ ଦେଖିବାକୁ ମିଳୁଛି। ପ୍ରାର୍ଥୀଙ୍କ ନିର୍ବାଚନୀ ଖର୍ଚ୍ଚ ମଧ୍ୟରେ ଏହା ସାମିଲ ହେଉ ନ ଥିବାରୁ ବହୁଳ ବ୍ୟବହାର ହେଉଛି। ତେବେ ପ୍ରାର୍ଥୀଙ୍କ ପ୍ରଚାର ଅପେକ୍ଷା ପ୍ରତିପକ୍ଷଙ୍କ ଅପପ୍ରଚାର ନିର୍ବାଚନ ସମୟରେ ହିଂସାକାଣ୍ଡ ବୃଦ୍ଧି କରିପାରେ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି କହିଛନ୍ତି, ଚଳିତ ନିର୍ବାଚନରେ ପ୍ରାର୍ଥୀଙ୍କ ଖର୍ଚ୍ଚ ପରିମାଣ ତନଖି ପାଇଁ ରାଜ୍ୟ ନିର୍ବାଚନ ଆୟୋଗ ପର୍ଯ୍ୟବେକ୍ଷକ ନିଯୁକ୍ତି କରିଛନ୍ତି। ଏଥିସହ ସି ଭିଜିଲ୍ ଆପ୍ ମାଧ୍ୟମରେ ନିର୍ବାଚନ ସମ୍ପର୍କରେ ଅଭିଯୋଗ ଗ୍ରହଣ ହେଉଛି। ସେହିପରି ନିର୍ବାଚନ ଖର୍ଚ୍ଚ ତନଖି ପାଇଁ ନିଯୁକ୍ତ ପର୍ଯ୍ୟବେକ୍ଷକଙ୍କ ମୋବାଇଲ ନଂ. ସାର୍ବଜନୀନ କରାଯାଇଛି। ପ୍ରତିଦିନ ଅନ୍‌ଲାଇନ ମାଧ୍ୟମରେ ପ୍ରାର୍ଥୀଙ୍କ ଖର୍ଚ୍ଚ ପରିମାଣ ଉଲ୍ଲେଖ କରାଯିବ ବୋଲି ଆଦର୍ଶ ଆଚରଣବିଧିରେ ଉଲ୍ଲେଖ ରହିଛି। ପ୍ରାର୍ଥୀଙ୍କ ନିର୍ବାଚନୀ ଖର୍ଚ୍ଚ ପରିମାଣ ନିର୍ଦ୍ଧାରିତ ହୋଇଥିବା ବେଳେ ଏଥିରେ ଫ୍ଲେକ୍ସ, ବ୍ୟାନର, ପୋଷ୍ଟର, ଗଣମାଧ୍ୟମ ବିଜ୍ଞାପନ, ଯାନବାହନ ଆଦିର ଖର୍ଚ୍ଚ ରହିଛି। ଏହି ନିର୍ଦ୍ଧାରିତ ଖର୍ଚ୍ଚରେ ସାମ୍ପ୍ରତିକ ନିର୍ବାଚନ ଜିତିବା ସମ୍ଭବ ନୁହେଁ। ଏ ସବୁକୁ ଦୃଷ୍ଟିରେ ରଖି ପ୍ରାର୍ଥୀ ଓ ସମର୍ଥକମାନେ ନିଜ ଆଭିମୁଖ୍ୟ ଅବଗତ କରାଇବାକୁ ଫେସ୍‌ବୁକ୍, ହ୍ୱାଟ୍‌ସଆପ୍, ଏକ୍ସ (ଟୁଇଟର), ଗୁଗ୍‌ଲ, ଶେୟାର ଚାଟ, ରିଲ୍ ଆଦି ସାମାଜିକ ଗଣମାଧ୍ୟମର ସାହାରା ନେଉଛନ୍ତି। ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ କହିଛନ୍ତି, ଚଳିତ ନିର୍ବାଚନରେ ରାଜନୈତିକ ଦଳର ଆଭିମୁଖ୍ୟ ସହ ଜିଲାର ବିକାଶ ଓ ବ୍ୟକ୍ତିତ୍ୱ ମୁଖ୍ୟ ପ୍ରସଙ୍ଗ ହୋଇଛି। ଜିଲାର ବିକାଶ ଓ ଅବହେଳାର ଚିତ୍ର ସମ୍ପର୍କରେ ସହଜରେ ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇପାରୁଛି। ଏହି ମାଧ୍ୟମ ଏବେ ଆଧୁନିକ ପିଢ଼ିର ଆବଶ୍ୟକତା ପାଲଟିଛି। ଏହା ସୀମିତ ସଂଖ୍ୟକ ବ୍ୟକ୍ତି ମଧ୍ୟରେ ସୀମାବଦ୍ଧ ନ ଥିବାରୁ ପ୍ରାର୍ଥୀଙ୍କ ବ୍ୟକ୍ତିତ୍ୱ, ସ୍ଥାନୀୟ ଅଞ୍ଚଳର ସମସ୍ୟା ଓ ସମାଧାନ, ରାଜନୈତିକ ଗତିବିଧି ସମ୍ପର୍କରେ ବିଶ୍ଳେଷଣ କରାଯାଇପାରୁଛି। ଉତ୍କଳମଣି ଯୁବକ ସଂଘର ସଭାପତି ଗୌତମ କୁମାର ବେହେରା କହିଛନ୍ତି, ସାମାଜିକ ଗଣମାଧ୍ୟମ ବିରୋଧୀଙ୍କ ପାଇଁ ଅସ୍ତ୍ର ପାଲଟିଛି। ଏହାର ବ୍ୟବହାର ଉପରେ ଅଙ୍କୁଶ ନ ରହିଲେ ଅସହିଷ୍ଣୁତା ବଢ଼ିବା ସମ୍ଭାବନା ଅଛି। ଯାହାଫଳରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜି ସ୍ଥାନୀୟ ଅଞ୍ଚଳର ଶାନ୍ତି ଭଙ୍ଗ କରିପାରେ। ଅପରପକ୍ଷରେ ନିର୍ବାଚନ ସମୟରେ ସାମାଜିକ ଗଣମାଧ୍ୟମର ଆବଶ୍ୟକତା ଜିଲାରେ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ଏହାଦ୍ୱାରା ସାଧାରଣ ଲୋକେ ବହୁଳ ମତଦାନ ପାଇଁ ସଚେତନତା ସୃଷ୍ଟି କରାଯାଇପାରୁଛି। ସେହିପରି ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ସମ୍ପର୍କରେ ଖୁବ୍‌ଶୀଘ୍ର ତଥ୍ୟ ମିଳିପାରୁଛି। ଏ ସମ୍ପର୍କରେ ଉପଜିଲାପାଳ ରବୀନ୍ଦ୍ର କୁମାର ପରିଡ଼ାଙ୍କୁ ପଚାରିବାରେ ଆଦର୍ଶ ଆଚରଣବିଧି ଲାଗୁପରେ ସାମାଜିକ ଗଣମାଧ୍ୟମ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ବ୍ୟକ୍ତିଗତ ଆରୋପ, ପ୍ରତ୍ୟାରୋପ, ବିଜ୍ଞାପନ ଆଦିକୁ ତର୍ଜମା କରାଯାଉଛି। ଆବଶ୍ୟକ ପଡ଼ିଲେ ଏ ନେଇ ରିପ୍ରେଜେଣ୍ଟେଶନ ଅଫ୍ ପିପୁଲ ଆକ୍ଟ ଧାରା ୧୨୬ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅଶୋକ


@ ଜୀବନଦୀପ


@ ମଞ୍ଜୁଲତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କେନ୍ଦ୍ରାପଡ଼ା କେନାଲ ବନ୍ଧରେ ୧୨ଫୁଟର ଘାଇ


କେନାଲରେ ସୃଷ୍ଟି ହୋଇଥିବା ୧୨ ଫୁଟର ଘାଇ ।


ପାଣିମାଡ଼ି ଯାଇ ଅମଳ ହେବାକୁ ଥିବା ମୁଗ ଫସଲ ନଷ୍ଟ ହୋଇଯାଇଛି ।

- ୪୦ ହେକ୍ଟର ଚାଷଜମି ଜଳମଗ୍ନ
- ଅମଳ ହେବାକୁ ଥିବା ମୁଗ ଫସଲ ନଷ୍ଟ
- ଚାଷୀ ମୁଣ୍ଡରେ ଚଡ଼କ
- ଜଳ ସମ୍ପଦ ବିଭାଗର ଦାୟିତ୍ୱହୀନତା ଦାୟୀ

ଡେରାବିଶ,୮।୫(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ମୁଖ୍ୟ କେନାଲ ଶାଖାର ୮ ନଂ. କେନାଲ ବନ୍ଧରେ ମଙ୍ଗଳବାର ସନ୍ଧ୍ୟାରେ ୧୨ଫୁଟ୍‌ର ଘାଇ ସୃଷ୍ଟି ହୋଇଛି । ଫଳରେ କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ୍ ଏଣ୍ଡର ପଞ୍ଚାୟତ ଏଣ୍ଡର ଗ୍ରାମ ନିକଟ ୪୦ହେକ୍ଟର ଚାଷ ଜମି ଜଳମଗ୍ନ ହୋଇଛି । ଏଥିଯୋଗୁ ଜମିରେ ଓପଡ଼ା ହୋଇ ରହିଥିବା ମୁଗ ଓ ବିରି ଫସଲ ପାଣିରେ ଭାସୁଛି । ଏଥିସହିତ ଉପଡ଼ା ହୋଇ ନ ଥିବା ବରି ଓ ମୁଗ ଫସଲ କେନାଲ୍ ପାଣିରେ ବୁଡ଼ି ରହିଛି ।

ସୂଚନା ଅନୁଯାୟୀ,କଟକ ନର୍ଥ ଡିଭିଜନ୍ ଓ କେନ୍ଦୁପାଟଣା ଉପଖଣ୍ଡ ଅଧୀନରେ ଥିବା କେନାଲରେ ବିଭାଗ ପକ୍ଷରୁ ମଙ୍ଗଳବାର ପାଣି ଛଡ଼ା ଯାଇଥିଲା । କେନାଲରେ ଅଧିକ ପାଣି ଆସିବାରୁ ଏଣ୍ଡର ଗ୍ରାମ ନିକଟରେ ଦୁର୍ବଳ ଥିବା କେନାଲ୍ ବନ୍ଧରେ ହଠାତ୍ ଏକ ଘାଇ ସୃଷ୍ଟି ହୋଇ କେନାଲ ପାର୍ଶ୍ୱରେ ଥିବା ୪୦ ହେକ୍ଟର ଚାଷଜମି ଜଳମଗ୍ନ ହୋଇଯାଇଥିଲା । ଜମିରେ ମୁଗ ଓ ବିରି ଅମଳ କରିବା ଲାଗି ଅପେକ୍ଷା କରିଥିବା ଚାଷୀମାନେ ନିଜ ଫସଲକୁ ରକ୍ଷା କରିବା ପାଇଁ ଜଳସମ୍ପଦ ବିଭାଗର କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ । କେନାଲ୍‌ରେ ପାଣି ବନ୍ଦ କରି ଦିଆଯାଇଛି କହି କେନ୍ଦୁପାଟଣା ସହକାରୀ ଯନ୍ତ୍ରୀ ନିଜ ମୁଣ୍ଡରୁ ଦାୟିତ୍ୱ ଖସାଇ ଦେଇଥିଲେ । ଅମଳ ସମୟରେ ଚାଷୀଙ୍କ ମୁଣ୍ଡରେ ଏଭଳି ଚଡ଼କ ପଡ଼ିବ କେହି କେବେ ବିଶ୍ୱାସ କରି ନ ଥିଲେ । ବୁଧବାର ଚାଷୀମାନେ ବିଲରେ ଜମି ରହିଥିବା ପାଣି ଭିତରୁ ଓପଡ଼ା ହୋଇ ରହିଥିବା ମୁଗ ଓ ବିରିକୁ ଛାଣି ଆଣି ରାସ୍ତା ଉପରେ ଶୁଖାଇଛନ୍ତି । ଦୀର୍ଘ ସମୟ ଧରି ପାଣିରେ ବୁଡ଼ି ରହିବା ଫଳରେ ମୁଗ ଓ ବିରି ଫୁଲି ନଷ୍ଟ ହୋଇଥିବା ଏଣ୍ଡର ଗ୍ରାମର ଚାଷୀ ଲକ୍ଷ୍ମୀଧର ସାହୁ କହିଛନ୍ତି। ଲକ୍ଷ୍ମୀଧରଙ୍କ ସୂଚନା ଅନୁଯାୟୀ,ତାଙ୍କ ୧୦ ଗୁଣ୍ଠ ବିଲରେ ମୁଗ ଫସଲ କରିଥିଲେ। ମାତ୍ର ଅମଳ ସମୟରେ ଏଭଳି ବିପଦ ଆସିବ ସେ କେବେ ବିଶ୍ୱାସ କରି ନ ଥିଲେ । ଗତ ବର୍ଷାଋତୁରୁ ଘାଇ ହୋଇଥିବା କେନାଲ ବନ୍ଧ ସ୍ଥାନଟି ଦୁର୍ବଳ ଥିବା ବିଷୟରେ ଜଳସମ୍ପଦ ବିଭାଗ କର୍ତ୍ତୃପକ୍ଷଙ୍କୁ ଗ୍ରାମବାସୀ ଜଣାଇଥିଲେ। ମାତ୍ର ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ପାଇଁ ଆମେ ଏହି ଦୁର୍ଦ୍ଦଶା ଭୋଗୁଛୁ ବୋଲି ଲକ୍ଷ୍ମୀଧର କହିଛନ୍ତି । ସେହିପରି ଗ୍ରାମର ପ୍ରବୀଣ ପଡ଼ିହାରୀ, ପ୍ରତାପ ଚନ୍ଦ୍ର ରାଉତରାୟ, ଭ୍ରମରବର କାମିଳା ପ୍ରମୁଖ ଚାଷୀ ଘାଇ ହେବା ଦ୍ୱାରା ବିଲରେ ଉପଡ଼ା ହୋଇ ପଡ଼ିଥିବା ଏକର ଏକର ମୁଗ ଓ ବିରି ଫସଲ ନଷ୍ଟ ହୋଇଛି। ଏହା ମଣିଷକୃତ ଏବଂ ଏଥିପାଇଁ ଜଳସମ୍ପଦ ବିଭାଗ ସମ୍ପୂର୍ଣ୍ଣ ଦାୟୀ ବୋଲି କହିଛନ୍ତି। ସେହିପରି ଏଣ୍ଡର ଗ୍ରାମର ଦିଲୀପ ରାଉତରାୟ ତାଙ୍କର ୧୦ ଏକର ଜମିରେ ଓପଡ଼ା ହୋଇ ରହିଥିବା ବିରି ଓ ମୁଗ ଫସଲ ବୁଧବାର ସକାଳୁ ଅମଳ ହେବା ପାଇଁ ଖଳାକୁ ଯାଇଥାନ୍ତା। ଘାଇ ହେବା ଦ୍ୱାରା ଲକ୍ଷାଧିକ ଟଙ୍କାର ଫସଲ ନଷ୍ଟ ହୋଇଛି ବୋଲି କହିଛନ୍ତି । ଏଥିଯୋଗୁ ତାଙ୍କର ଆର୍ଥିକ ମେରୁଦଣ୍ଡ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛି । ଏଥିପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ଦାୟୀ କରିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ଜଳସମ୍ପଦ ବିଭାଗ ସମ୍ପୂର୍ଣ୍ଣ କ୍ଷତିପୂରଣ ଦେବାକୁ କେନ୍ଦ୍ରାପଡ଼ା ଜିଲା ଚାଷୀ ଶ୍ରମିକ ସଂଘର ସମ୍ପାଦକ କୃତିବାସ ଦାସ ଦାବି ଜଣାଇଛନ୍ତି ।

ଏ ସଂକ୍ରାନ୍ତରେ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଅକ୍ଷୟ କୁମାର ମଲିକ କହିଛନ୍ତି, ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଥିବାରୁ ଗୃହପାଳିତ ପଶୁମାନଙ୍କ ପାଇଁ କେନାଲ୍‌ରେ ପାଣି ଛାଡ଼ିବାକୁ କେତେଜଣ ଲୋକ ଦାବି କରିଥିଲେ। ସେମାନଙ୍କ ଦାବିକୁ ଦୃଷ୍ଟିରେ ରଖି କେନାଲରେ ଅଳ୍ପ ପରିମାଣର ପାଣି ଛଡ଼ା ଯାଇଥିଲା । ଘାଇ ହୋଇଥିବା ସ୍ଥାନରେ ଘଳିଆ ଥାଇପାରେ ବୋଲି ସେ କହିଛନ୍ତି । ଖବର ପାଇବା ପରେ କେନାଲର ପାଣି ବନ୍ଦ କରିଦିଆଯାଇଛି। ଘାଇ ହୋଇଥିବା ସ୍ଥାନକୁ ଯୁଦ୍ଧକାଳୀନ ଭିତ୍ତିରେ ବନ୍ଦ କରାଯାଉଛି । ହେଲେ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଏଭଳି କଥାକୁ ଚାଷୀମାନେ ସହଜରେ ଗ୍ରହଣ କରି ନାହାଁନ୍ତି । ଆବଶ୍ୟକତାଠାରୁ ଅଧିକ ପାଣି କେନାଲ୍‌ରେ ଛଡ଼ାଯାଇଥିବା ଚାଷୀମାନେ କହିଛନ୍ତି । ହେଲେ ଯନ୍ତ୍ରୀ ମଲିକ ଏହାକୁ ଅସ୍ୱୀକାର କରିଛନ୍ତି। ଏହି କ୍ଷୟକ୍ଷତିକୁ ବିଭାଗୀୟ ଯନ୍ତ୍ରୀ ହାଲୁକା ଭାବେ ନେବା ଚାଷୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି । ଖବର ପାଇ ଡେରାବିଶ ବ୍ଲକ ସହକାରୀ କୃଷି ଅଧିକାରୀ ବନଲତା ବେହେରା ବୁଧବାର ପୂର୍ବାହ୍ନରେ ଘଟଣାସ୍ଥଳକୁ ଯାଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟିଥିଲେ। ଫସଲ ନଷ୍ଟକୁ ନେଇ ଚାଷୀଙ୍କ ମଧ୍ୟରେ ଆନ୍ଦୋଳନର ଦାନା ବାନ୍ଧୁଛି ।

## ଦ୍ୱିତୀୟ ଦିନ ୬ ଜଣଙ୍କ ପ୍ରାର୍ଥିପତ୍ର ଦାଖଲ

ଜଗତ୍‌ସିଂହପୁର, ୮।୫
(ପ୍ରମୋଦ କୁମାର ନାୟକ)

୪ର୍ଥ ପର୍ଯ୍ୟାୟ ସାଧାରଣ ନିର୍ବାଚନ ନେଇ ମଙ୍ଗଳବାରଠାରୁ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି । ପ୍ରଥମ ଦିନ ବିଜେଡି ଜଗତ୍‌ସିଂହପୁର ଲୋକସଭା ସାଂସଦ ଓ ତିର୍ତ୍ତୋଲ ବିଧାୟକ ପ୍ରାର୍ଥୀ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ବୁଧବାର ଦ୍ୱିତୀୟ ଦିନରେ ସ୍ୱାଧୀନ ସମେତ ବିଭିନ୍ନ ଦଳର ମୋଟ ୬ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରେ ଉମାକାନ୍ତ ଭାରତ ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଭାବେ ଅତିରିକ୍ତ ଜିଲାପାଳ ତଥା ରିଟର୍ଣ୍ଣିଂ ଅଫିସର ଲଳିତ ମୋହନ ବେହେରାଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ବିଧାୟକ ପ୍ରାର୍ଥୀ ଭାବେ ସ୍ୱର୍ଣ୍ଣଲତା ମଲ୍ଲିକ, ସ୍ୱାଧୀନ ରବୀନ୍ଦ୍ର ନାଥ ସେଠୀ ଓ ସମୀର ସାମଲ ଅତିରିକ୍ତ ଜିଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ଅଭିମନ୍ୟୁ ବେହେରାଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ବାଲିକୁଦା-ଏରସମା ବିଧାନସଭା ଆସନ ନିମନ୍ତେ ଆମ ଆଦମୀ ପାର୍ଟି ବିଧାୟକ ପ୍ରାର୍ଥୀ ବରଦା ପ୍ରସନ୍ନ ସାହୁ ଅତିରିକ୍ତ ଜିଲାପାଳ ତଥା ରିଟର୍ଣ୍ଣିଂ ଅଫିସର ସସ୍ମିତ ରାଉତଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଜଗତ୍‌ସିଂହପୁର ବିଧାନସଭା ଆସନରୁ ବିଏସ୍‌ପି ବିଧାୟକ ପ୍ରାର୍ଥୀ ଭାବେ କୈଳାସ ମଲ୍ଲିକ ଉପଜିଲାପାଳ ପ୍ରଦୀପ କୁମାର ସାହୁଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

## ବେଆଇନ ପାର୍କିଂ ଯୋଗୁ ରାଜପଥରେ ବଢୁଛି ଦୁର୍ଘଟଣା

ଧର୍ମଶାଳା,୮।୫(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥରେ ବେଆଇନ ପାର୍କିଂ ଯୋଗୁ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଏହି ରାସ୍ତା ୬ ଥାକିଆ ହେବା ପରେ ଗାଡ଼ିମୋଟର ଦ୍ରୁତ ଗତିରେ ଯାତାୟାତ କରୁଛି। ରାସ୍ତା ପାର୍ଶ୍ୱରେ ଅନେକ ଗାଡ଼ି ପାର୍କିଂ କରୁଥିବାରୁ ଏହା ଅନେକ ସମୟରେ ଦୁର୍ଘଟଣାର କାରଣ ପାଲଟୁଛି। ଗତ ୨ମାସ ମଧ୍ୟରେ ଏଠାରେ ଦୁର୍ଘଟଣା ଘଟି ୧୩ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ବହୁ ଆହତ ହୋଇଛନ୍ତି। ଏହି ରାଜପଥରେ ପ୍ରତିଦିନ ହଜାରହଜାର ଗାଡ଼ି ମୋଟର କୋଲକାତାରୁ ଚେନାଇ ପର୍ଯ୍ୟନ୍ତ ଯାତାୟତ କରୁଛି। ତେବେ ରାଜପଥ ପାର୍ଶ୍ୱରେ ଥିବା ଢାବା, ହୋଟେଲ, ତେଲ ଟାଙ୍କି ଓ ଗ୍ୟାରେଜ୍ ସାମ୍ନାରେ ଟ୍ରକ, କାର୍ ଆଦି ଗାଡ଼ିଗୁଡିକ ଘଣ୍ଟାଘଣ୍ଟା ଧରି ଅଟକି ରହୁଛି। ସେହିପରି ବାହାର ରାଜ୍ୟର ଚାଳକମାନେ ରାତିରେ ରାଜପଥ ପାର୍ଶ୍ୱରେ ଗାଡ଼ି ଅଟକାଇ ବିଶ୍ରମ ନେଉଛନ୍ତି। ରାସ୍ତାରେ ଅନେକ ଗାଡ଼ି ଖରାପ ହୋଇ ଦିନ ଦିନ ପର୍ଯ୍ୟନ୍ତ ଛିଡ଼ା ହୋଇ ରହୁଛି। ଏଥିପାଇଁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବା ସହ ରାଜପଥରେ ବାରମ୍ବାର ଦୁର୍ଘଟଣା ଘଟୁଛି। ସେହିପରି ରାଜପଥ ପାର୍ଶ୍ୱରେ ଅବସ୍ଥିତ ଚା', ଜଳଖିଆ, ପାନ, ତରଭୁଜ, ଆଖୁରସ, ପଇଡ଼, ଫାଷ୍ଟଫୁଡ୍ ଆଦି ଉଠା ଦୋକାନ ସାମ୍ନାରେ ବେଆଇନ ପାର୍କିଂ କରାଯାଉଛି। ଅନେକ ସମୟରେ ଏସବୁ ସ୍ଥାନରେ ଟ୍ରାଫିକ୍ ଜାମ୍ ହୋଇ ଦୁର୍ଘଟଣା ଘଟୁଛି। ଜାରକା ନିକଟ ବ୍ରାହ୍ମଣୀ ବ୍ରିଜ୍, ଗୋର୍ଣ୍ଣେଶ୍ୱର ମନ୍ଦିର ଛକ, ଜାରକା, ଶଙ୍ଖାରିଡ଼ିହ, ରଥିଆ, ସାରୋଇ ଓ ନେଉଳପୁର ଆଦି ଛକବଜାର ଏବେ ଆକ୍‌ସିଡେଣ୍ଟ ଜୋନ୍ ପାଲଟିଛି। ସେହିପରି ୫୩ ନମ୍ବର ଜାତୀୟ ରାଜପଥ ନିର୍ମାଣ ବିଳମ୍ବ ଯୋଗୁ ଦୁର୍ଘଟଣା ବୃଦ୍ଧି ପାଉଛି। ପୋଲିସ୍, ପରିବହନ ବିଭାଗ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ପାଣି ପାଇଁ ଗ୍ରାମବାସୀଙ୍କ ଧାରଣା

ଖଣ୍ଡପଡ଼ା,୮।୫
(ଅଜୟ କୁମାର ମହାରଣା)


ଧାରଣା ଦେଇଥିବା ଗ୍ରାମବାସୀ।

- ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ
- ୧୫ଦିନ ମଧ୍ୟରେ ପାନୀୟ ଜଳ ସମସ୍ୟାର ସମାଧାନ ହେବ
- ଆଜିଠୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ ହେବ

ସଂପ୍ରତି ସାରା ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏଥିପାଇଁ ଅନେକ ଅଞ୍ଚଳରେ ପାନୀୟ ଜଳର ଉତ୍କଟ ସଙ୍କଟ ଦେଖିବାକୁ ମିଳୁଛି। ଏ ନେଇ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରି କୌଣସି ସୁଫଳ ନ ପାଇବା ପରେ ଖଣ୍ଡପଡ଼ା ବ୍ଲକ୍ ଅଧୀନ ୬ ଗ୍ରାମର ମହିଳା ପୁରୁଷ ବୁଧବାର ଦିନତମାମ ବ୍ଲକ କାର୍ଯ୍ୟାଳୟ ପରିସରରେ ଧାରଣା ଦେଇଥିଲେ। ଏହାକୁ ନେଇ ପ୍ରଶାସନ ଅଧିକାରୀମାନେ ଚିନ୍ତାରେ ପଡିଥିଲେ। ଶେଷର ଗୁରୁବାରଠାରୁ ଟ୍ୟାଙ୍କରରେ ପାଣି ଯୋଗାଣ ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ସୂଚନାଯୋଗ୍ୟ, ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଧାମୂଳା ପଞ୍ଚାୟତର ଘୋଡାମାରୀଦ୍ୱାର, କନାସିଂ ମୁଣ୍ଡିଆସାହି, ବଡବାଣପୁର ପଞ୍ଚାୟତ ଅଧୀନ ଭ୍ରମରବରପ୍ରସାଦ, ଶିମିଳି ସାହି, ସିଂଘାପଡା ପଞ୍ଚାୟତ ଅଧୀନ ବରଗଣ୍ଡ ନୂଆସାହି ସମେତ ଗଡିଆସାହି ପଞ୍ଚାୟତ ଅଧୀନ ସାଧୁଆପଲ୍ଲୀ ଗ୍ରାମର ବାସିନ୍ଦା ପାନୀୟ ଜଳ ମୁନ୍ଦେ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭାରତୀୟ ବିକାଶ ପରିଷଦ ରାଜ୍ୟ ଉପ ସଭାପତି ନିରଞ୍ଜନ ଦାସଙ୍କ ନେତୃତ୍ୱରେ ଉପରୋକ୍ତ ସମସ୍ତ ଗ୍ରାମର ଶତାଧିକ ଜନସାଧାରଣ ବୁଧବାର ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେଇଥିଲେ। ନୟାଗଡ଼ ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଧାରଣା ସ୍ଥଳରେ ପହଞ୍ଚି ଜନସାଧାରଣଙ୍କୁ ବୁଝାଶୁଝା କରିବା ସହ ଆସନ୍ତା ୧୫ ଦିନ ମଧ୍ୟରେ ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଗୁରୁବାରଠାରୁ ଉକ୍ତ ଗ୍ରାମଗୁଡିକୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଧାରଣାରୁ ଓହରି ଥିଲେ। ଗତ ଏପ୍ରିଲ ୧୦ରେ ଉପରୋକ୍ତ ଗ୍ରାମର ବାସିନ୍ଦା ବ୍ଲକ ପରିସରରେ ଧାରଣା ଦେଇଥିଲେ। ବ୍ଲକ ଉନ୍ନୟନ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଫଳରେ ଗ୍ରାମବାସୀ ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଅଶୋକ


@ ଜୀବନଦୀପ


@ ମଞ୍ଜୁଲତା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବା।

## ପୂର୍ବ ଶତ୍ରୁତାରୁ ପୋଖରୀରେ ବିଷ ପକାଇଦେଲେ


ମାଛ ମରି ଭାସୁଛନ୍ତି।

ଓଡ଼ଗାଁ,୮।୫(ଆଦର୍ଶ କୁମାର ପଟ୍ଟନାୟକ)

### ଲକ୍ଷାଧିକ ଟଙ୍କାର ମାଛ ମରିଥିବା ଅଭିଯୋଗ

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମଙ୍ଗଳବାର ରାତିରେ ଅଭିମନ୍ୟୁ ଖିଲାରଙ୍କ ପୋଖରୀରେ କେହି ବିଷ ପକାଇ ଦେଇଥିଲେ। ଫଳରେ ପୋଖରୀରେ ଥିବା ଲକ୍ଷାଧିକ ଟଙ୍କାର ମାଛ ମରିଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଓଡ଼ଗାଁ ଏନଏସି ଟାଙ୍ଗିଆସାହି ଗ୍ରାମରେ ଏଭଳି ଘଟଣା ଘଟିଛି। କିଛିଦିନ ତଳେ ସେହି ଗ୍ରାମର ଅଭିମନ୍ୟୁ ଖିଲାର ଓ ନିରାକାର ଖିଲାରଙ୍କ ମଧ୍ୟରେ ଜମିବାଡ଼ି ବିବାଦକୁ ନେଇ ଯୁକ୍ତିତର୍କ ହେବା ସହ ଝଗଡ଼ା ଲାଗିଥିଲା। ଅଭିମନ୍ୟୁଙ୍କୁ ତଳିତଲାନ୍ତ କରିଦେବାକୁ ନିରାକାର ଧମକ ଦେଇଥିଲେ। ସେହି ଘଟଣାକୁ ନେଇ ମଙ୍ଗଳବାର ରାତିରେ ସେ ଅଭିମନ୍ୟୁଙ୍କ ପୋଖରୀରେ ବିଷ ପକାଇ ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ବିଷ କିମ୍ବା ରାସାୟନିକ ପଦାର୍ଥର କୁପ୍ରଭାବରେ ବୁଧବାର ସକାଳେ ଶତାଧିକ ମାଛ ମରି ଭାସୁଥିବା ଦେଖିବାକୁ ମିଳିଥିଲା। କୌଣସି କାରଣ ନ ଥାଇ ଏତେ ସଂଖ୍ୟକ ମାଛ ମରି ଭସୁଥିବା ଦେଖି ଅଭିମନ୍ୟୁ ହତବାକ ହୋଇଯାଇଥିଲେ। ଏଭଳି ଘଟଣା କେବଳ ନିରାକାର କରିଛନ୍ତି ବୋଲି ସେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ନିରାକାରଙ୍କୁ ଥାନାକୁ ଆଣି ପଚରାଉଚୁରା ପରେ ପୋଲିସ ଛାଡ଼ି ଦେଇଥିବା ଅଭିମନ୍ୟୁ କହିଛନ୍ତି। ସେ ମାଛ ଚାଷ କରିବା ପାଇଁ ବ୍ୟାଙ୍କରୁ ଋଣ କରିଥିଲେ। ଏତେ ସଂଖ୍ୟକ ମାଛ ମରିବା ପରେ ସେ କିପରି ଋଣ ପରିଶୋଧ କରିବେ ସେହି ଚିନ୍ତାରେ ଭାଙ୍ଗି ପଡ଼ିଛନ୍ତି। ଏ ସଂକ୍ରାନ୍ତରେ ଓଡ଼ଗାଁ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁଙ୍କୁ ପଚାରିବାରେ ସେ ଘଟଣା ସମ୍ପର୍କରେ ଜାଣି ନ ଥିବା ପ୍ରକାଶ କରିଛନ୍ତି। ଏନେଇ ସେ ଘଟଣାସ୍ଥଳ ପରିଦର୍ଶନ କରିବାକୁ ଯାଇଥିବା ଅଧିକାରୀଙ୍କୁ ପଚାରି ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବେ ବୋଲି କହିଛନ୍ତି।

## ବିଜେଡି କନ୍ଦଳରୁ ଫାଇଦା ନେବାକୁ ବିରୋଧୀଙ୍କ ଉଦ୍ୟମ

ରଣପୁର,୮।୫
(ସୁକାନ୍ତ କିଶୋର ଡାକୁଆ)

### ରଣପୁର ବିଧାନସଭା ନିର୍ବାଚନମଣ୍ଡଳୀ

ନୟାଗଡ଼ ଜିଲା ରଣପୁର ବିଧାନସଭା ନିର୍ବାଚନମଣ୍ଡଳୀର ଗତ ୩ଟି ନିର୍ବାଚନକୁ ଲକ୍ଷ୍ୟ କଲେ ଏହି ଆସନରେ ବିଜେଡି ଓ ଭାଜପା ମଧ୍ୟରେ ଲଢ଼େଇ ଜୋରଦାର ହୋଇଛି। ଏଥର କିନ୍ତୁ ଏହି ଆସନରେ ଭାଜପା, ବିଜେଡି ଓ କଂଗ୍ରେସ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ରାଜନୈତିକ ସମୀକ୍ଷକମାନେ ଅନୁମାନ କରୁଛନ୍ତି। ବିଜେଡି ବର୍ତ୍ତମାନର ବିଧାୟକ ସତ୍ୟନାରାୟଣ ପ୍ରଧାନଙ୍କ ଉପରେ ଆସ୍ଥା ପ୍ରକଟ କରି ପ୍ରାର୍ଥୀ କରିଥିବା ବେଳେ ଭାଜପା ପ୍ରଥମେ ତାପସ ରଞ୍ଜନ ମାର୍ଥାଙ୍କୁ ଟିକେଟ ଦେଇଥିବା ବେଳେ ପରବର୍ତ୍ତୀ ସମୟରେ ସୁରମା ପାଢ଼ୀଙ୍କୁ ଟିକେଟ ଦେଇ ମହିଳା କାର୍ଡ ଖେଳିଛି। କଂଗ୍ରେସ ନବାଗତ ଯୁବନେତା ବିଭୁପ୍ରସାଦ ମିଶ୍ରଙ୍କୁ ପ୍ରାର୍ଥୀ କରିଛି। ୨୦୦୯ରୁ ରଣପୁର ନିର୍ବାଚନମଣ୍ଡଳୀକୁ ବିଜେଡି ନିଜ ଦଖଲରେ ରଖିଛି। ହେଲେ ଏବେ ବିଜେଡିର ବହୁ ବରିଷ୍ଠ ନେତା ଓ କର୍ମୀ ବିଧାୟକ ପ୍ରାର୍ଥୀଙ୍କ ଉପରେ ଅସନ୍ତୋଷ ପ୍ରକାଶ କରି ଦଳ ଛାଡି ଭାଜପାରେ ସାମିଲ ହୋଇଛନ୍ତି। ଏଥିସହିତ ଦଳରେ ଗୋଷ୍ଠୀ କନ୍ଦଳ ଲାଗିରହିଛି। କେତେଜଣ ବିଜେଡି ନେତା ଓ କର୍ମୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ବିଧାୟକ ବହୁ ଦଳୀୟକର୍ମୀଙ୍କୁ ଅଣଦେଖା କରିଆସିଛନ୍ତି। କେତେଜଣ ଠିକାଦାର ଓ ବାହାର ଲୋକଙ୍କୁ ଏଠାରେ ଅଗ୍ରାଧିକାର ଦେଇଛନ୍ତି। ପ୍ରଧାନ ୨୦୦୯ ଓ ୨୦୧୯ ଦୁଇ ଥର ଏହି ନିର୍ବାଚନମଣ୍ଡଳୀରୁ ବିଧାୟକ ହୋଇଥିଲେ ମଧ ରଣପୁର ଅଞ୍ଚଳରେ ସେଭଳି ବିକାଶ କରାଯାଇ ନ ଥିବା ଅଭିଯୋଗ ହେଉଛି। ଏଭଳି ସ୍ଥିତିରୁ ଫାଇଦା ନେବା ପାଇଁ ଚଳିତ ନିର୍ବାଚନରେ ବିଜେଡିର ଗଡ଼କୁ ଭାଙ୍ଗିବାକୁ ଭାଜପା ଓ କଂଗ୍ରେସ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଭାଜପା ପ୍ରାର୍ଥୀ ସୁରମା ପାଢ଼ୀ ବିଜେଡିର ସତ୍ୟନାରାୟଣଙ୍କୁ ପଛରେ ପକାଇବା ଲକ୍ଷ୍ୟ ରଖି ବିଜେଡିରୁ ଆସି ଭାଜପାରେ ସାମିଲ ହୋଇଥିବା କେତେଜଣ ବରିଷ୍ଠ ନେତାଙ୍କୁ ଆଗରେ ରଖିଛନ୍ତି। ଅପରପକ୍ଷେ କଂଗ୍ରେସ ପ୍ରାର୍ଥୀ ବିଭୁପ୍ରସାଦ ତାଙ୍କ ଦଦେଇ ରମାକାନ୍ତ ମିଶ୍ରଙ୍କ ରାଜନୈତିକ କ୍ୟାରିୟରକୁ ଅନୁସରଣ କରି ମାଟିପୁଅ ହିସାବରେ ଭୋଟ ନେବା ପାଇଁ ଆଞ୍ଚଳିକ କାର୍ଡ ଖେଳୁଛନ୍ତି। ତେବେ ସତ୍ୟନାରାୟଣ ପୁନଶ୍ଚ ଜନସମର୍ଥନ ପାଇବା ଲାଗି ରଣନୀତି ପ୍ରସ୍ତୁତ କରିଥିବା ତାଙ୍କ ସମର୍ଥକମାନେ କହୁଛନ୍ତି। ମୋଟାମୋଟି ଚଳିତ ନିର୍ବାଚନକୁ ଦେଖିଲେ ରଣପୁରରେ ତ୍ରିମୁଖୀ ଲଢ଼େଇ ହେବାର ଆଭାସ ମିଳୁଛି ବୋଲି ରାଜନୈତିକ ସମୀକ୍ଷକମାନେ କହୁଛନ୍ତି।

## ଭୋଟ ଗ୍ରହଣରେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

ଦଶପଲ୍ଲା,୮।୫(ପ୍ରକାଶ କୁମାର ପାଣି)

ଆସନ୍ତା୨୦ରେ ଦଶପଲ୍ଲାରେ ହେବ ମତଦାନ। ଏଥିପାଇଁ ଦଶପଲ୍ଲା ବିଧାନସଭା ନିର୍ବାଚନମଣ୍ଡଳୀ ସଂରକ୍ଷିତ ଆସନ ପାଇଁ ୨୩୪ ମତଦାନ କେନ୍ଦ୍ରରେ ଭୋଟ ଗ୍ରହଣ କରାଯିବ। ଦଶପଲ୍ଲା ବ୍ଲକରେ ୧୦୦ ମତଦାନ କେନ୍ଦ୍ର ମଧ୍ୟରୁ ୭ଟି ସଖୀ ବୁଥ, ୩୬ଟି ଇକୋ ଫ୍ରେଣ୍ଡଲି ବୁଥ, ୨ଟି ସବୁଜ ସୁନ୍ଦର ବୁଥ ରହିଛି। ଅନୁରୂପ ଭାବେ ନୂଆଗାଁ ବ୍ଲକରେ ୯୩ଟି ମତଦାନ କେନ୍ଦ୍ର ମଧ୍ୟରୁ ୧୧ଟି ସଖୀ ବୁଥ, ଦିବ୍ୟାଙ୍ଗଙ୍କ ଦ୍ୱାରା ପରିଚାଳିତ ଗୋଟିଏ ବୁଥ, ୨୭ଟି ଇକୋ ଫ୍ରେଣ୍ଡଲି, ଗୋଟିଏ ସବୁଜ ସୁନ୍ଦର ବୁଥ ରହିଛି। ସେହିପରି ଗଣିଆ ବ୍ଲକରେ ୪୧ଟି ମତଦାନ କେନ୍ଦ୍ର ମଧ୍ୟରୁ ୪ଟି ସଖୀ ବୁଥ, ୨ଟି ଇକୋ ଫ୍ରେଣ୍ଡଲି ବୁଥ ଏବଂ ଗୋଟିଏ ଯୁବକଙ୍କ ଦ୍ୱାରା ପରିଚାଳିତ ବୁଥ ରହିଛି ବୋଲି ବିଡିଓ ସୂଚନା ଦେଇଛନ୍ତି। ସଖୀ ବୁଥରେ ସ୍ୱତନ୍ତ୍ର ଭାବେ ମହିଳାମାନେ ଭୋଟ ଦେବାର ବ୍ୟବସ୍ଥା ରହିବା ସହିତ ଏହି କେନ୍ଦ୍ରଗୁଡ଼ିରେ କେବଳ ମହିଳା କର୍ମଚାରୀମାନେ ନିୟୋଜିତ ହେବେ। ସଖୀ ବୁଥ ମାଧ୍ୟମରେ ମହିଳାଙ୍କ ମତଦାନ ହାର ବଢ଼ାଇବା ଲକ୍ଷ୍ୟ ରଖି ଏହି ବ୍ୟବସ୍ଥା ରଖାଯାଇଛି। ପ୍ରିଜାଇଡିଂ ଅଫିସର, ପୋଲିଂ ଅଫିସର, ସୁରକ୍ଷାକର୍ମୀ ଓ ଅନ୍ୟାନ୍ୟ କର୍ମଚାରୀ ଭାବେ ମହିଳାଙ୍କୁ ହିଁ ନିୟୋଜିତ କରାଯିବା ବ୍ୟବସ୍ଥା ମଧ କରାଯାଇଛି। ନିୟୋଜିତ ହେବାକୁ ଥିବା ମହିଳା କର୍ମଚାରୀଙ୍କୁ ସ୍ୱତନ୍ତ୍ର ରଙ୍ଗର ପୋଷାକ ଯୋଗାଇ ଦିଆଯିବ ବୋଲି ସୂଚନା ମିଳିଛି। ଅନ୍ୟ ମଡେଲ ବୁଥ ଗୁଡ଼ିକରେ ଯେଉଁ ବ୍ୟବସ୍ଥା ରହିବ ତାହା ବି ସଖୀ ବୁଥରେ ରହିବ ବୋଲି ଘୋଷଣା କରାଯାଇଛି। ଏହି ବୁଥ ପାଇଁ ମହିଳା ଭୋଟରଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖିବାକୁ ମିଳିଛି।

## ବିଶ୍ୱ ରେଡ୍‌କ୍ରସ ଦିବସ ପାଳିତ

ନୟାଗଡ଼,୮।୫(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାପାଳଙ୍କ ସଦ୍‌ଭାବନା କକ୍ଷରେ ବୁଧବାର ବିଶ୍ୱ ରେଡ଼କ୍ରସ ଦିବସ ପାଳିତ ହୋଇ ଯାଇଛି। ଏଥିରେ ଜିଲା ଏମରଜେନ୍ସି ଅଫିସର ଚମ୍ପତିରାଜ, ଜିଲା ପ୍ରୋଜେକ୍ଟ ଅଫିସର ଅଶୋକ କୁମାର ରଥ, ଜିଲା ମେଡିକାଲ ଅଫିସର, ଆଡିଶନାଲ ବ୍ଲଡ ବ୍ୟାଙ୍କ ଅଫିସର, ସାମାଜିକ କର୍ମୀ ଦାମୋଦର ସାହୁ, ରେଡ଼କ୍ରସ କନଭେନର ସୁନିତା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏପଟେ ବିଶ୍ୱ ରେଡ଼କ୍ରସ ଦିବସ ପାଳନ ହେଉଥିବାବେଳେ ସେପଟେ ରକ୍ତଦାନ ଶିବିର କରାଯାଇଥିଲା। ୨୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସୁଧାଂଶୁ ରଞ୍ଜନ ସଭା କାର୍ଯ୍ୟ ପରିଚାଳନା କରିଥିବାବେଳେ ସାମାଜିକ କର୍ମୀ ବିଭୂତି ଭୂଷଣ ପଟ୍ଟନାୟକ ସହଯୋଗ କରିଥିଲେ। ଏହି ଅବସରରେ ସକାଳ ୭ଟାରେ ବ୍ରଜେନ୍ଦ୍ର ହାଇସ୍କୁଲଠାରୁ ଜିଲାପାଳଙ୍କ ସଦ୍‌ଭାବନା କକ୍ଷ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ପରିକ୍ରମା କରିଥିଲା। ଜିଲା ଏମରଜେନ୍ସି ଅଫିସର ଏହି ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ରେଡ଼କ୍ରସ ଭଲ୍ୟୁଣ୍ଟାରୀ ଫୋରମର ସାମାଜିକ କର୍ମୀମାନେ ଉପସ୍ଥିତ ଥିଲେ।

## ମହିଳା ମଣ୍ଡଳ ପକ୍ଷରୁ ଗୁପ୍ତ ରାସଲୀଳା

ଖଣ୍ଡପଡ଼ା,୮।୫
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଓ କଣ୍ଟିଲୋ ଅଞ୍ଚଳର ଅଧିକାଂଶ ସ୍ଥାନରେ ଏବେ ବି ବୟସ୍କା ମହିଳାମାନେ ଏକାଠି ହୋଇ ଭାଗବତ ଚର୍ଚ୍ଚା କରୁଥିବା ଦେଖିବାକୁ ମିଳୁଛି। ବିଶେଷ କରି ସଂପୃକ୍ତ ମହିଳା ଦଳ ନିଶାର୍ଦ୍ଧରେ ଏକ ନିକାଞ୍ଚନ ପାହାଡ଼ କିମ୍ବା ଗାଁଠାରୁ ଦୂରରେ ଏକାଠି ହୋଇ ଗୁପ୍ତ ରାସ ଲୀଳା କରୁଛନ୍ତି। କଣ୍ଟିଲୋ ଅଞ୍ଚଳରେ ଏହି ପରମ୍ପରା ବହୁ ଦିନରୁ ଚାଲି ଆସିଛି। କେତେଜଣ ଏହାକୁ କୃଷ୍ଣଲୀଳା କହୁଥିବା ବେଳେ ଆଉ କେତେକ ଗୁପ୍ତରାସ ବୋଲି କହିଥାଆନ୍ତି। ମଙ୍ଗଳବାର ବେଣାଗାଡିଆ ପଞ୍ଚାୟତ ଗୋପୀନାଥପୁର ନିକଟ ଶୁଳିଆ ଠାକୁରାଣୀଙ୍କ ପୀଠରେ ଏକାଠି ହୋଇଥିଲେ ୪୨ ମୌଜାର ହଜାରରୁ ଊର୍ଦ୍ଧ୍ୱ ମହିଳା ମଣ୍ଡଳୀ ସଦସ୍ୟା ଓ ଟହଲିଆ। ପ୍ରଥମେ ପୂଜାରୀ ଶ୍ରୀକାନ୍ତ ଯାନୀ ଭାଗବତ ଠାକୁରଙ୍କୁ ବିଜେ କରାଇଥିଲେ। ମହିଳାମାନେ ସକାଳୁ ମହାନଦୀରୁ କଳସରେ ଜଳ ଆଣି ଶୁଳିଆ ଠାକୁରାଣୀଙ୍କ ପୀଠରେ ସ୍ଥାପନ କରିଥିଲେ। ଠାକୁରାଣୀଙ୍କ ପୀଠରେ ପୂଜାର୍ଚ୍ଚନା ପରେ ଉପସ୍ଥିତ ସମସ୍ତ ମହିଳା ମଣ୍ଡଳ ଅଲଗା ଅଲଗା ଦଳ ହୋଇ ଭାଗବତ ପଠନ କରିଥିଲେ। ସନ୍ଧ୍ୟାରେ ସଂପୃକ୍ତ ମଣ୍ଡଳୀ ପକ୍ଷରୁ ନିଜ ନିଜ ଦଳରେ ପ୍ରଦୀପ ପ୍ରଜ୍ୱଳନ କରି ଭାଗବତ ଚର୍ଚ୍ଚା କରିଥିଲେ। ବିଶ୍ୱ କଲ୍ୟାଣ ନିମନ୍ତେ ଠାକୁରାଣୀଙ୍କ ପାଖରେ ଆହୁତି ପ୍ରଦାନ ପରେ ନିଶାର୍ଦ୍ଧରେ ସମସ୍ତ ମହିଳା ଏକାଠି ହୋଇ ନିକଟସ୍ଥ ଶୁଳିଆ ପାହାଡ଼ ପାଦଦେଶ ଏକ ନିଛାଟିଆ ସ୍ଥାନରେ ଗୁପ୍ତ ରାସ ଲୀଳା ପରିବେଷଣ କରିଥିବା ୪୨ ମୌଜା ମହିଳା ମଣ୍ଡଳୀର ମହନ୍ତ ଦାୟିତ୍ୱରେ ଥିବା ଲୋଚନ ପାଣି ସୂଚନା ଦେଇଥିଲେ। ତାଙ୍କର କହିବାନୁଯାୟୀ ଏହି ଗୁପ୍ତ ଲୀଳାକୁ ପୁରୁଷମାନେ ଦେଖିବା ବାରଣ କରାଯାଇଛି। ଏ ଦୃଶ୍ୟକୁ ତଥା କାର୍ଯ୍ୟକ୍ରମକୁ ଦେଖିବା ପୁରୁଷମାନଙ୍କ ପାଇଁ କ୍ଷତିକାରକ ବୋଲି କୁହାଯାଏ।


ଗୁପ୍ତ ରାସଲୀଳାରେ ଯୋଗଦେଇଥିବା ମହିଳାମାନେ।

## ହନୁ-ମକରଧ୍ୱଜ ଲଢ଼େଇ, ମହୀରାବଣ ବଧ

ଖଣ୍ଡପଡ଼ା,୮।୫
(ଅଜୟ କୁମାର ମହାରଣା)


ରାମଲୀଳାର ଷଷ୍ଠ ରଜନୀରେ ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ।

### କଣ୍ଟିଲୋ ରାମଲୀଳାର ଷଷ୍ଠ ରଜନୀ

କଣ୍ଟିଲୋ କୃଷ୍ଣେଶ୍ୱର ପାଟଣା ଗ୍ରାମର ଶ୍ରୀରଘୁନାଥ ଜୀଉ ରାମଲୀଳା ନାଟ୍ୟ ସମିତି ପକ୍ଷରୁ ଚାଲିଥିବା ରାମଲୀଳା ଉତ୍ସବର ମଙ୍ଗଳବାର ଥିଲା ଷଷ୍ଠ ରଜନୀ। କଳାକାରମାନେ ହନୁମାନ ମକରଧ୍ୱଜ ଲଢେଇ ଏବଂ ମହିରାବଣ ବଧ ପରିବେଷଣ କରିଥିଲେ। ସୀତାଙ୍କୁ ଉଦ୍ଧାର କରିବା ଲକ୍ଷ୍ୟରେ ଶ୍ରୀରାମ, ଲକ୍ଷ୍ମଣ, ହନୁମାନ ବାନର ସେନା ସହ ଲଙ୍କାକୁ ଯୁଦ୍ଧଯାତ୍ରା କରିଥିଲେ। ରାବଣଙ୍କ ବଂଶଧରଙ୍କ ମୃତ୍ୟୁ ସହଜ ନୁହେଁ ବୋଲି ରାମ ଲକ୍ଷ୍ମଣ ଜାଣି ପାରିଥିଲେ। ତେଣୁ ରାବଣଙ୍କ ଭାଇ ଗୃହଭେଦୀ ବୀଭିଷଣଙ୍କ ନିକଟରୁ ମୃତ୍ୟୁର ଉପାୟ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ରାବଣ ବଂଶର ବହୁ ଅସୁରଙ୍କୁ ନିପାତ କରିଥିଲେ। ଏହାଛଡା ଲକ୍ଷ୍ମଣଙ୍କ ଦ୍ୱାରା ବଧ ହୋଇଥିବା ଇନ୍ଦ୍ରଜିତର ମୃତ୍ୟୁ ସମ୍ପର୍କରେ ରାବଣଙ୍କଠାରୁ ଜାଣିବା ପରେ ଇନ୍ଦ୍ରଜିତଙ୍କ ପୁଅ ମହିରାବଣ ରାମ ଓ ଲକ୍ଷ୍ମଣଙ୍କୁ କଳେବଳେ କୌଶଳରେ ବଧ କରିବାକୁ ସଂକଳ୍ପ କରିଥିଲେ। ମହିରାବଣ ମାୟା ବଳରେ ନିଜକୁ ଅଦୃଶ୍ୟ କରାଇ ସୁବଳୟା ପର୍ବତରେ ଅବସ୍ଥାନ କରିଥିବା ହନୁମାନଙ୍କ ଅଷ୍ଟସେନାରେ ସାମିଲ ହୋଇଥିଲେ। ଏହା ପରେ ଅଷ୍ଟସେନା ସମେତ ରାମ ଲକ୍ଷ୍ମଣଙ୍କୁ ନିଦ୍ରାରେ ମୋହିତ କରାଇ ରାମଚନ୍ଦ୍ର ଓ ଅନୁଜ ଲକ୍ଷ୍ମଣ ଦୁଇଭାଇଙ୍କୁ ସେଠାରୁ ଚୋରାଇ ଆଣି ପାତାଳପୁରୀର ଏକ ପଥର ଗୁମ୍ଫା ନରବଳି ଦେବା ପାଇଁ ରଖିଥିଲେ। ଅପରପକ୍ଷେ ପାତାଳପୁରୀକୁ ଯେପରି କେହି ଶତୃପକ୍ଷ ପ୍ରବେଶ କରି ନ ପାରିବେ ସେଥିପାଇଁ ପ୍ରବେଶପଥରେ ମକରଧ୍ୱଜକୁ ଦାୟିତ୍ୱ ଦେଇଥିଲେ ମହିରାବଣ। ହନୁମାନ ପାତାଳପୁରକୁ ପ୍ରବେଶ କରନ୍ତେ ହନୁ ଓ ମକରଧ୍ୱଜଙ୍କ ଲଢେଇ ହୋଇଥିଲା। ତେବେ ସୀତାଙ୍କ ଅଶ୍ରୁରୁ ତାରା,ତାରେଣୀ ୨ଜଣ ଦେବୀ ସୃଷ୍ଟି ହୋଇ ରାମ,ଲକ୍ଷ୍ମଣଙ୍କୁ ସୁରକ୍ଷା ଦେଇଥିଲେ। ଦେବୀଙ୍କ ପାଖରେ ରାମ,ଲକ୍ଷ୍ମଣଙ୍କୁ ନରବଳି ଦେବାକୁ ଉଦ୍ୟମ ହେଉଥିବା ବେଳେ ମାୟାବୀ ମହିରାବଣଙ୍କୁ ୨ଭାଇ ବଧ କରିଥିଲେ। ଏହି ରାମଲୀଳା ଦେଖିବାକୁ ବହୁ ଦର୍ଶକ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମଞ୍ଚସ୍ଥ ନାଟକରେ କଳାକାର ସନ୍ଦୀପ, ରାଜା ଓ ଚନ୍ଦନ ଯଥାକ୍ରମେ ରାମ, ଲକ୍ଷ୍ମଣ ଓ ସୀତା ଭୂମିକାରେ ଅଭିନୟ କରିଥିବା ବେଳେ ହନୁମାନ, ବିଭୀଷଣ, ରାବଣ, ମହିରାବଣ, ମକରଧ୍ୱଜ, ସୁଗ୍ରୀବ ଓ ତ୍ରିଜଟା ଭୂମିକାରେ ଯଥାକ୍ରମେ ଟୁନା ବିଶ୍ୱାଳ, ବିଷ୍ଣୁ ପ୍ରସାଦ ସାହୁ, ପ୍ରଦୀପ କୁମାର ମହାରଣା, ଲକ୍ଷ୍ମଣ ବାରିକ, ଜିତୁ ବେହେରା, ଶ୍ରୀଧର ସାହୁ ଓ ସୁମନ୍ତ ବେହେରା ଅଭିନୟ କରିଥିଲେ। ସେହିପରି ଦେବୀ ଓ ତାରା ତାରେଣୀ ଭୂମିକାରେ ପିଙ୍କୁ,କାହ୍ନା ଓ ଟୁଲଗୁଲ ସାହୁ ଅଭିନୟ କରିଥିଲେ।

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ୬ ବଖରା ପୋଡ଼ି ପାଉଁଶ

ରାଜନଗର, ୮।୫ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ହାତିନା ଗାଁରେ ମଙ୍ଗଳବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଅଜୟ ସେଠୀ, ବିଜୟ ସେଠୀ, ଗୋପାଳ ସେଠୀଙ୍କ ୬ ବଖରା ଘର ସମେତ ସମସ୍ତ ଆସବାସପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ପରିବାର ଲୋକେ ଘରେ ଶୋଇଥିବା ସମୟରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡ ଏତେ ଭୟାବହ ଥିଲା ଯେ ପରିବାର ଲୋକେ ପିନ୍ଧାଲୁଗା ବ୍ୟତୀତ ଅନ୍ୟ କିଛି ସାମଗ୍ରୀ ଉଦ୍ଧାର କରିପାରି ନ ଥିଲେ। ଖବରପାଇ ରାଜନଗର ଅଗ୍ନିଶମ ବାହିନୀ ପହଁଚି ନିଆଁକୁ ଆୟତ କରିଥିଲେ। ମାତ୍ର ସେତେବେଳକୁ ଏହି ୩ ପରିବାରର ସର୍ବସ୍ୱ ପୋଡ଼ି ପାଉଁଶ ହୋଇଯାଇଛି। ବିପନ୍ନ ପରିବାରକୁ ହାତିନା ପଞ୍ଚାୟତର ସରପଞ୍ଚ ସମୀର କୁମାର ସେଠୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଜ୍ୟୋତି ରଞ୍ଜନ ସାମଲ, ୱାର୍ଡସଭ୍ୟ ହୃଷିକେଶ ପ୍ରଧାନ, ଅରୁଣ କୁମାର ରାଉତ, ମନୋଜ ସାହୁ, ସତ୍ୟବାଦୀ ରାଉତ, ପ୍ରାଣକୃଷ୍ଣ ରାଉତ, ବିଚିତ୍ର ସାହୁ ପ୍ରମୁଖ ଭେଟି ସମବେଦନା ଜଣାଇବା ସହ ପଞ୍ଚାୟତ ପକ୍ଷରୁ ୭ଦିନର ରନ୍ଧାଖାଦ୍ୟର ବ୍ୟବସ୍ଥା କରିଛନ୍ତି। ବିପନ୍ନ ପରିବାରପଞ୍ଚାୟତ କାର୍ଯ୍ୟାଳୟରେ ଆଶ୍ରୟ ନେଇଥିବାବେଳେ ସେମାନଙ୍କୁ ଲୁଗାପଟା ଯୋଗାଇ ଦିଆଯାଇଛି ।

### ବଜ୍ରପାତରେ ଚାଷୀ ମୃତ

ଆଳି, ୮।୫ (ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ମାହାରାକୁଳ ଗ୍ରାମର ଚାଷୀ ପ୍ରଦୀପ ମଲିକ(୫୫)ଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ପ୍ରଦୀପ ବୁଧବାର ଅପରାହ୍ଣରେ ଚାଷ ଜମିକୁ ଯାଇଥିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଫଳରେ ସେହି ବିଲରେ ହିଁ ପ୍ରଦୀପ ଟଳିପଡ଼ିଥିଲେ । ତାଙ୍କୁ ଆଳି ମେଡିକାଲ ନେବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ । କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି । ସେହିପରି ମାଣିକପାଟଣା ପଞ୍ଚାୟତ ବିଲଦାଣ୍ଡିର ଜଗା ପରିଡ଼ାଙ୍କ ଦୁଇ ଗାଈ ବଜ୍ରପାତରେ ମରିଥିବା ଖବର ମିଳିଛି।

### ଖବରଦାତାଙ୍କୁ ଆକ୍ରମଣ ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ

ଯାଜପୁର ରୋଡ୍, ୮।୫ (ପବିତ୍ର ରଞ୍ଜନ ମହାନ୍ତି)

ଯାଜପୁର ରୋଡ୍ ଥାନା ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ଖଣ୍ଡାହତା ଛକରେ ଜଣେ ଖବରଦାତାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ କୋରେଇ ବ୍ଲକ ନାଗୁଆ ଗ୍ରାମର ସୁନନ୍ଦ କୁମାର ସାହୁ (୪୨)। ଆକ୍ରମଣରେ ସମ୍ପୃକ୍ତ ଅନ୍ୟ ୩ ଜଣ ଫେରାର ଥିବା ପୋଲିସ କହିଛି। ସୂଚନା ଅନୁଯାଇ ଖଣ୍ଡାୟତା ଛକରେ ଏକ ଭଡାଘରେ ଅନୈତିକ କାର୍ଯ୍ୟ ହେଉଥିବା ଖବର ପାଇ ଖବରଦାତା ଭରତ ଚନ୍ଦ୍ର ରାଉତ ସୋମବାର ଖବର ସଂଗ୍ରହ ପାଇଁ ଉକ୍ତ ସ୍ଥାନକୁ ଯାଇଥିଲେ। ଏହି ସମୟରେ ଘର ମାଲିକ ସୁନନ୍ଦ ଏବଂ ଅନ୍ୟ ତିନିଜଣ ଖବରଦାତା ରାଉତ ଏବଂ ତାଙ୍କ ସାନ ଭାଇଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ଖବରଦାତା ଭରତ ଥାନରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୩୦୯/୨୪ରେ ଏକ ମୋକଦ୍ଦମା ରୁଜୁ କରି ତଦନ୍ତ ଆରମ୍ଭ କରି ଘଟଣାରେ ସମ୍ପୃକ୍ତ ଥିବା ସୁନନ୍ଦଙ୍କୁ ଥାନାରେ ଅଟକ ରଖିଥିଲେ। ପ୍ରମାଣ ପାଇବା ପରେ ମଙ୍ଗଳବାର ସୁନନ୍ଦକୁ ବିଭିନ୍ନ ଦଫାରେ ପୋଲିସ ଗିରଫ କରିଥିଲା। ଅନ୍ୟ ତିନିଜଣଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଉକ୍ତ ଘଟଣାକୁ ଉତ୍କଳ ସାମ୍ବାଦିକ ସଙ୍ଘ ଯାଜପୁର ଜିଲା ସଭାପତି ହରିହର ସ୍ୱାଇଁ, ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ଜିଲା ସମ୍ପାଦକ ପୀତବାସ ଭୂୟାଁ, ଉପସଭାପତି ପବିତ୍ର ମହାନ୍ତି ଓ ପ୍ରଦ୍ୟୁମ୍ନ ବୋଇତାଇ ପ୍ରମୁଖ ଦୃଢ ନିନ୍ଦା କରିଛନ୍ତି।

### ରାସ୍ତାରେ ପଙ୍କ: ବାଇକ୍ ଚକା ଖସି ୨ ଆହତ

ପଟ୍ଟାମୁଣ୍ଡାଇ, ୮।୫ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଳଭା-ଗଣ୍ଡାକିଆ କେନାଲ ରାସ୍ତା ପାର୍ଶ୍ୱ ନୟନଜୋଡିକୁ ଜବରଦଖଲ କରି ପଙ୍କ ମାଟି ପକାଇ ପୋତେଇ କରାଯାଇଛି। ବୁଧବାର ଅପରାହ୍ଣରେ ବର୍ଷା ହେବାରୁ ପଙ୍କୁଆ ମାଟି ରାସ୍ତାକୁ ବୋହିଆସି କାଦୁଅ ହୋଇଛି। ଫଳରେ ବାଇକ୍ ଚକା ଖସି ୨ ଆରୋହୀ ରାସ୍ତାରେ ପଡ଼ି ଆହତ ହୋଇଥିବା ଅଭିଯୋଗ ହୋଇଛି । ଏହି ରାସ୍ତା ସ୍ଥାନୀୟ ଅଞ୍ଚଳର ଲାଇଫ୍‌ଲାଇନ୍ କହିଲେ ଚଳେ।

# ସଫେଇ କର୍ମଚାରୀଙ୍କ ଧାରଣା


ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଧାରଣା ଦେଇଥିବା ଅସ୍ଥାୟୀ ସଫେଇ କର୍ମଚାରୀ।

ଯାଜପୁର ଟାଉନ, ୮।୫
(ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି)

**ଯାଜପୁର ମୁଖ୍ୟ ଚିକିତ୍ସାଳୟ**

ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟ କରୁଥିବା ଅସ୍ଥାୟୀ ସଫେଇ କର୍ମଚାରୀମାନେ ବୁଧବାର ଚିକିତ୍ସାଳୟ ପରିସରରେ ଧାରଣା ଦେଇଛନ୍ତି। ଉକ୍ତ ସଫେଇ କର୍ମଚାରୀମାନେ ପ୍ରତିମାସ ଠିକ୍ ସମୟରେ ସେମାନଙ୍କ ପାରିଶ୍ରମିକ ପାଉନାହାନ୍ତି। ୩/୪ ମାସରେ ଠିକା ସଂସ୍ଥା ସେମାନଙ୍କର ୧ ମାସର ଦରମା ଦେଉଛି। ସେମାନେ ଅଭିଯୋଗ କରିବାରୁ ଠିକା ସଂସ୍ଥାର ମାଲିକ ବିଭିନ୍ନ ଧମକ ଚମକ ଦେଉଛନ୍ତି। ଠିକା ସଂସ୍ଥା ମାଲିକଙ୍କ ଏଭଳି ମନୋମୁଖୀ କାର୍ଯ୍ୟରେ ସଫେଇ କର୍ମଚାରୀଙ୍କ ସମସ୍ୟାକୁ ବହୁଗୁଣିତ କରିଛି। ଏ ଦିଗରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପଦକ୍ଷେପ ନେବାକୁ ସଫେଇ କର୍ମଚାରୀମାନେ ଦାବି କରିଛନ୍ତି।

# ନାମାଙ୍କନ ଭରିଲେ କନକ

ବିଞ୍ଝାରପୁର, ୮।୫ (ରାମକୃଷ୍ଣ ଦାସ)

**ଗୁରୁବାର ପ୍ରମିଳା, ଶୁକ୍ରବାର ବବିତା ଭରିବେ ନାମାଙ୍କନ**

ବିଞ୍ଝାରପୁର ବିଧାନସଭା ଆସନ ପାଇଁ ବୁଧବାର କଂଗ୍ରେସ ପ୍ରାର୍ଥୀ କନକଲତା ମଲ୍ଲିକ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବିଞ୍ଝାରପୁରର ପ୍ରସିଦ୍ଧ ଶୈବକ୍ଷେତ୍ର ବାବା ବରୁଣେଶ୍ୱରଙ୍କ ପୀଠରେ ପୂଜାର୍ଚ୍ଚନା କରିବା ପରେ କନକ ଏକ ବିଶାଳ ଶୋଭାଯାତ୍ରାରେ ନିର୍ବାଚନମଣ୍ଡଳୀ ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପରେ ସେଠାରେ ନାମାଙ୍କନପତ୍ର ଦାଖଲ କରିଥିଲେ।

ପୂର୍ବରୁ କଂଗ୍ରେସର ଗଡ ଭାବେ ବିଞ୍ଝାରପୁର ପରିଚିତ ଲାଭ କରିଥିବା ବେଳେ ବିଜେଡି ଶାସନ ଆରମ୍ଭରୁ ଏଠାରେ କଂଗ୍ରେସର ଅଧପତନ ହୋଇଛି। ମାତ୍ର କନକଙ୍କ ବିରାଟ ରୋଡ ଶୋ ଓ ହଜାର ହଜାର କର୍ମୀଙ୍କ ଆଗମନ କଂଗ୍ରେସର ପୂର୍ବ ସ୍ଥିତିକୁ ଫେରାଇ ଆଣିବା ପାଇଁ ଯୋରଦାର ପ୍ରୟାସ କରୁଥିବା ଅନୁମାନ କରାଯାଉଛି। କନକଙ୍କ ନେତୃତ୍ୱରେ ବିଞ୍ଝାରପୁର ବ୍ଲକ କଂଗ୍ରେସ ସଂଗଠନ ପୁଣି ବିଞ୍ଝାରପୁରକୁ କଂଗ୍ରେସ ମୟ କରିବ ବୋଲି ନାମାଙ୍କନ ଦାଖଲ ସମୟରେ ଉପସ୍ଥିତ କଂଗ୍ରେସ ଦଳତ ତୁଙ୍ଗ ନେତୃତ୍ୱମାନେ ପ୍ରକାଶ କରିଥିଲେ। ଏଥିରେ ବରିଷ୍ଠ କଂଗ୍ରେସ ନେତା ଚନ୍ଦ୍ରଶେଖର ଧଳ, ବ୍ଲକ କଂଗ୍ରେସ ସଭାପତି ବାବୁଲି ଦାସ, ମହେଶ୍ୱର ଦାସ ପ୍ରମୁଖଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ କଂଗ୍ରେସ ସଂଗଠକ ଓ କର୍ମୀ ମାନେ ଯୋଗଦେଇଥିଲେ।

ଗୁରୁବାର ବିଞ୍ଝାରପୁର ବିଧାନସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ପ୍ରମିଳା ମଲ୍ଲିକ ନାମାଙ୍କନ ଭରିବାର କାର୍ଯ୍ୟକ୍ରମ ରହିଛି। ପ୍ରମିଳା ଏହି ଆସନରୁ ୬ ଥର ବିଧାୟିକା ହୋଇଛନ୍ତି। ପ୍ରମିଳାଙ୍କ ନାମାଙ୍କନ ଶୋଭାଯାତ୍ରା ଉପରେ ଉଭୟ କଂଗ୍ରେସ ଓ ଭାଜପା ନଜର ରଖିଛି। ନାମାଙ୍କନ ଶୋଭାଯାତ୍ରରେ ପ୍ରମିଳା ନିଜର ଶକ୍ତି ପ୍ରଦର୍ଶନ ଦେଖାଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି। ପ୍ରମିଳାଙ୍କ ନାମାଙ୍କନ ଶୋଭାଯାତ୍ରାରେ ୨୫ ହଜାରରୁ ଉର୍ଦ୍ଧ୍ୱ କର୍ମୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ଶୁକ୍ରବାର ବିଞ୍ଝାରପୁର ବିଧାନସଭା ଆସନ ପାଇଁ ଭାଜପା ପ୍ରାର୍ଥୀ ବବିତା ମଲ୍ଲିକ ମଧ୍ୟ ନାମାଙ୍କନ ଭରିବାର କାର୍ଯ୍ୟକ୍ରମ ରହିଛି। ଚଳିତ ନିର୍ବାଚନରେ ପ୍ରମିଳା, ବବିତା ଓ କନକଙ୍କ ମଧ୍ୟରେ ତ୍ରିମୁଖି ଲଢେଇ ଯୋରଦାର ହେଉଥିବା ବେଳେ ବବିତାଙ୍କ ନାମାଙ୍କନ ଉପରେ ମଧ୍ୟ ଅନ୍ୟ ଦୁଇ ଦଳ ନଜର ରଖିଛି। ବବିତା ମଧ୍ୟ ନାମାଙ୍କନ ଦାଖଲ ଆଳରେ ଶକ୍ତି ପ୍ରଦର୍ଶନ କରି ଶାସକ ଦଳକୁ କଡା ଟକ୍କର ଦେବେ ବୋଲି ଚର୍ଚ୍ଚା ହେଉଛି।

# କୋରେଇ ବିଜେଡି ପକ୍ଷରୁ ସମ୍ବର୍ଦ୍ଧନା ସଭା


ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିବା ଅତିଥି ଏବଂ କର୍ମୀ।

ରସୁଲପୁର, ୮।୫ (ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ବିଜୁନଗର ସ୍ଥିତ ହୋଣ୍ଡା ଶୋରୁମ୍ ପ୍ରାଙ୍ଗଣରେ ବୁଧବାର ସନ୍ଧ୍ୟାରେ କୋରେଇ ବିଜେଡି ପକ୍ଷରୁ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଯୋଗଦେଇଥିଲେ। ସଭାରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ରସୁଲପୁର ବ୍ଲକ ଅଧୀନ ୯ ପଞ୍ଚାୟତର ଛାମୁଆଁ କର୍ମୀ, ବରିଷ୍ଠ ନାଗରିକ, କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ତାଙ୍କ ମା' ତଥା କୋରୋଇ ବିଜେଡି ବିଧାୟିକା ପ୍ରାର୍ଥୀ ସନ୍ଧ୍ୟାରାଣୀ ଦାସଙ୍କ ପାଇଁ ଭୋଟ ପ୍ରଚାର କରିବାକୁ ଯାଇ କହିଥିଲେ, ବରିଷ୍ଠ ଓ ମୁରବୀମାନଙ୍କୁ ସମ୍ମାନ ଦେବା ପରମ୍ପରାକୁ ସମସ୍ତେ ପାଳନ କରିବା ଉଚିତ। ୨୬ବର୍ଷର ଦଳକୁ ଗଠନରେ ସେମାନଙ୍କ ପ୍ରମୁଖ ଭୂମିକା ରହିଛି। ଯାହାର ସୁଫଳ ରାଜ୍ୟବାସୀଙ୍କୁ ମିଳୁଛି।

ରସୁଲପୁର ବ୍ଲକ ଭାଇଚାରାର ଅଂଚଳ ଭାବରେ ସ୍ୱତନ୍ତ୍ର ପରିଚୟ ରଖିଛି। ଏହି ବ୍ଲକ ବିଜେଡିକୁ ସର୍ବଦା ଅଧିକ ଭୋଟ ଦେଇ ରେକର୍ଡ ସୃଷ୍ଟି କରିଆସୁଛି। ଏଥର ସମାନ ଧାରା ବଜାଇ ରଖିବାକୁ ସେ ନିବେଦନ କରିବା ସହ ଦଳର ଜଣେ ସମର୍ଥକଙ୍କଠାରୁ ଆରମ୍ଭ କରି କାର୍ଯ୍ୟକର୍ତ୍ତାକୁ ନ୍ୟାୟ ପ୍ରଦାନ ଦିଗରେ ସେ ଗୁରୁତ୍ୱ ଦେବେ ବୋଲି ମତ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲାପରିଷଦ ସଦସ୍ୟ ଶିଶିର ମହାନ୍ତି, ସମିତିସଭ୍ୟ ନରୋତ୍ତମ ସାହୁ, ସୌମ୍ୟରଂଜନ ରାଉତ, ମାମି ମହାନ୍ତି, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଯତିନ୍ଦ୍ର ସାହୁ, ସରପଞ୍ଚ ଅତୁଲ୍ୟ ପ୍ରଧାନ, ଅଶ୍ୱୀନ ଦାସ, ବିନୋଦ ବିହାରୀ ବେହେରା, ନଗେନ୍ଦ୍ର ପତି, ଯୁବନେତା ଦୁଷ୍ମନ୍ତ ମଲିକ, ଅଦୈତ ରାଉତ, ଗିରଜା ଶଙ୍କର ପଟ୍ଟନାୟକ, ସରୋଜ ଦାସ, ପ୍ରକାଶ ସାହୁ ଓ ହରିଶଙ୍କର ସାହୁ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇ ଥିଲେ। ଅଲେଖ ସ୍ୱାଇଁ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।

### ଅଟୋକୁ ଧକ୍କା ଦେଲା ପିକଅପ୍ ଭ୍ୟାନ୍, ଜଣେ ଗୁରୁତର

ଯାଜପୁରରୋଡ୍, ୮।୫ (ପବିତ୍ର ରଞ୍ଜନ ମହାନ୍ତି)

ବ୍ୟାସନଗର ପୌର ପରିଷଦ ଅଧୀନ ଚୋରଦା ହାଇସ୍କୁଲ ନିକଟରେ ବୁଧବାର ସକାଳେ ଏକ ପିକଅପ ଭ୍ୟାନ ଭାରସାମ୍ୟ ହରାଇ ଏକ ଡାଲା ଅଟୋକୁ ପଛରୁ ଧକ୍କା ଦେଇଛି। ଏଥିସହିତ ଏକ ବାଇକ ଓ ସ୍କୁଟିକୁ ଧକ୍କା ଦେଇଛି। ଫଳରେ ପିକଅପ ଭ୍ୟାନ୍‌ରେ ବସିଥିବା ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଗୁରୁତର ବ୍ୟକ୍ତି ଜଣଙ୍କ ହେଲେ କେନ୍ଦୁଝର ଜିଲା ତେଲକୋଇ ଅଞ୍ଚଳର ଶରତ ଚରଣ ନାୟକ(୭୫)। ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପିକଅପ ଧକ୍କାରେ ସ୍କୁଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। କେନ୍ଦୁଝରରୁ ପାଣିକୋଇଲି ଅଭିମୁଖେ ଯାଉଥିବା ପିକଅପ ଭ୍ୟାନ ନଂ.ଓଡି୦୯ୱାଇ୨୪୪୬ର ଡ୍ରାଇଭରଙ୍କ ଆଖିରେ ନିଦ ଆସିଯିବା ଫଳରେ ଏହି ଦୁର୍ଘଟଣା ଘଟିଥିଲା। ଭ୍ୟାନ୍‌ର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଯାଜପୁର ରୋଡ ପୋଲିସ ଦୁର୍ଘଟଣାଗ୍ରସ୍ତ ଭ୍ୟାନକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

# କାର୍ ଦୁର୍ଘଟଣାରେ ୪ ଗୁରୁତର

ରଗଡ଼ି, ୮।୫ (ଯତୀଶ କୁମାର ମଲ୍ଲିକ)



କୋରେଇ ଥାନା ଅନ୍ତର୍ଗତ ୨୦ନଂ. ଜାତୀୟ ରାଜପଥର ରଗଡ଼ି ଛକ ନିକଟରେ ବୁଧବାର ସକାଳେ ଓଡି୦୨ବିଏମ୨୯୧୭ ନମ୍ବର ବିଶିଷ୍ଟ ଏକ କାର ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଫଳରେ ଏଥିରେ ଥିବା ଡ୍ରାଇଭରଙ୍କ ସହ ଅନ୍ୟ ୩ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ନିମନ୍ତେ କଟକ ଓ ଭୁବନେଶର ପଠାଯାଇଛି। କାର୍‌ଟି କରଞ୍ଜିଆରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଛି। ଦ୍ରୁତ ଗତିରେ ଯାଉଥିବା ଏହି କାର କୌଣସି କାରଣରୁ ରାସ୍ତାରେ ଓଲଟି ସୁରକ୍ଷା ବାଡ଼ାରେ ପିଟି ହୋଇଯାଇଛି। ଗୁରୁତରଙ୍କ ପରିଚୟ ମିଳି ପାରିନାହିଁ। ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି କାରକୁ ଜବତ କରି ତଦନ୍ତ ଚଳାଇଛି।

# ଯାଜପୁର ପ୍ରଶାସନ ପକ୍ଷରୁ ରେଡକ୍ରସ ଦିବସ ପାଳିତ



ଯାଜପୁର ଟାଉନ, ୮।୫
(ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି)

ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ବୁଧବାର ଜିଲା ରେଡକ୍ରସ୍ ସଂଘ ସାଧାରଣ ସମ୍ପାଦକ କୁଳମଣି ନାୟକଙ୍କ ସଂଯୋଜନାରେ ବିଶ୍ୱ ରେଡ୍‌କ୍ରସ ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ଜିଲାପାଳ ନିଖିଲ ପବନ କଲ୍ୟାଣ ମୁଖ୍ୟ ଅତିଥିଭାବେ ଯୋଗଦେଇ ରେଡକ୍ରସର ପ୍ରାଣ ପ୍ରତିଷ୍ଠାତା ହେନେରୀ ଡୁନାଷ୍ଟଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିବା ସହ ସେ ମାନବିକତାର ଜଣେ ଅଦ୍ୱିତୀୟ ବ୍ୟକ୍ତିତ୍ୱ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ(ପ୍ରଶାସନ) ନବକ୍ରିଷ୍ଣ ଜେନା, କଳିଙ୍ଗନଗରର ଅତିରିକ୍ତ ଜିଲାପାଳ ଲଙ୍କେଶ୍ୱର ଅମାତ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲ, ଜିଲାପାଳଙ୍କ ସ୍ୱତନ୍ତ୍ର ଅଧିକାରୀ ଏବଂ ଜିଲା ରେଡକ୍ରସ ସଂଘ ସାଧାରଣ ସମ୍ପାଦକ ନାୟକ ପ୍ରମୁଖ ଯୋଗଦେଇ ହେନେରୀ ଡୁନାଷ୍ଟଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ଜାରକା ରୋଟାରି କ୍ଲବକୁ ଡିଜିଙ୍କ ପରିଦର୍ଶନ

ଧର୍ମଶାଳା, ୮।୫ (ବଟକୃଷ୍ଣ ପରିଡ଼ା)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଧର୍ମଶାଳା ବ୍ଲକ ଅଧୀନ ଜାରକା ରୋଟାରି କ୍ଲବକୁ ବୁଧବାର ଡିଜି ଜୟଶ୍ରୀ ମହାନ୍ତି ପରିଦର୍ଶନରେ ଆସି ସମୀକ୍ଷା କରିବା ସହ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ଅବସରରେ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ କ୍ଲବ ସଭାପତି ଇଂ. ବିପିନ କୁମାର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ଡିଜି ଉଦ୍‌ଘାଟନ କରିଥିଲେ। ଡିଜି ମହାନ୍ତି ଜାରକା ରୋଟାରି କ୍ଲବର କାର୍ଯ୍ୟଧାରା ଉପରେ ଆଲୋକପାତ କରିବା ସହ କ୍ଲବର ବିଭିନ୍ନ କାର୍ଯ୍ୟର ପ୍ରସଂଶା କରିଥିଲେ। କାର୍ଯ୍ୟକ୍ରମରେ ଚିନ୍ମୟ ମହାନ୍ତି, ଏଜି ସୁଶାନ୍ତ ପଣ୍ଡା ଯୋଗଦେଇଥିଲେ। ରୋଟାରି କ୍ଲବ ଜାରକାର ରୋଟାରିଆନ ଜୟନ୍ତ ସାହୁ, ସୁକାନ୍ତ କୁମାର ସ୍ୱାଇଁ, ପ୍ରମୋଦ ସାମଲ, କଳାକାର ମହାନ୍ତି, ଜୟପ୍ରକାଶ ତ୍ରିପାଠୀ, ଦୀପକ କୁମାର ଜେନା, ବିନୋଦ ପରିଡ଼ା ଓ ହରିହର ପଣ୍ଡା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କ୍ଲବ୍ ସମ୍ପାଦକ ଜୟଗୁରୁ ପାତ୍ର ସୂଚନା ଦେଇଥିବାବେଳେ ରୋଟାରିଆନ ପ୍ରଦୀପ କୁମାର ବରାଳ ସ୍ୱାଗତ ଭାଷଣ ଦେଇଥିଲେ। ପୂର୍ବତନ ସଭାପତି ନିରଞ୍ଜନ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ ।

# ରତ୍ନଗିରିରେ ବିଜେଡିର ସମ୍ବର୍ଦ୍ଧନା ସଭା

ବରୀ, ୮।୫ (ମହେନ୍ଦ୍ର ସ୍ୱାଇଁ)

ବରୀ ବ୍ଲକ୍ ଅଧୀନ ରତ୍ନଗିରି ପଞ୍ଚାୟତରେ ବିଜେଡିର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡିର ବିଧାୟକ ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି କେଦାର ଚନ୍ଦ୍ର ସାମଲ ସଭାପତିତ୍ୱ କରିଥିଲେ। ଏହି ଅବସରରେ ପ୍ରାର୍ଥୀ ମଲ୍ଲିକ କହିଥିଲେ, ବରୀବାସୀ ତାଙ୍କ ହୃଦୟରେ ରହିଛନ୍ତି ଓ ସେ ମଧ ସେମାନଙ୍କ ହୃଦୟରେ ରହିବେ। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ଅଶୋକ କୁମାର ଗେଡି, ଜିଲା ପରିଷଦ ସଭ୍ୟ ଅଶୋକ ସାମଲ, ସନ୍ତୋଷ ସାମଲ, ସରପଞ୍ଚ ସରଳା ମଲ୍ଲିକ, ଜଗଦୀଶ ଜେନା, ସସ୍ମିତା କୁଣ୍ଡୁ, ପ୍ରଜ୍ଞା ପରାମିତା ପରିଡା, ଚପଳା ମଲ୍ଲ, କୁନା ମଲ୍ଲିକ, ସରପଞ୍ଚଙ୍କ ପ୍ରତିନିଧି ପ୍ରସନ୍ନ ସାମଲ ଓ ବୁଲୁ ଯାଦବ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟପକ୍ଷରେ ଭାଜପା ବିଧାୟକ ପ୍ରାର୍ଥୀ ଉମେଶ ଜେନାଙ୍କ ନିଜ ଗ୍ରାମରେ ବିଶ୍ୱରଞ୍ଜନଙ୍କୁ ସମ୍ବର୍ଦ୍ଧିତ କରାଯିବା ଘଟଣା ବରୀ ରାଜନୀତିକୁ ଭିନ୍ନ ମୋଡ଼ ଦେଇଛି।



ବିଜେଡି ସମ୍ବର୍ଦ୍ଧନା ସଭାରେ ବିଧାୟକ ପ୍ରାର୍ଥୀ ଓ ଅନ୍ୟମାନେ।

# ବିଜେଡିରେ ମିଶିଲେ ଆଲେକଜାଣ୍ଡର


ଶଙ୍ଖଭବନଠାରେ ବିଜେଡିରେ ଯୋଗଦେଇଥିବା ଆଲେକଜାଣ୍ଡର ଦାସଙ୍କ ସମେତ ଶତାଧିକ ଭାଜପା କର୍ମୀ।

ଭୁବନେଶ୍ୱର, ୮।୫ (ଅନିଲ ଦାସ)

ଯାଜପୁର ଜିଲା କୋରେଇ ନିର୍ବାଚନ ମଣ୍ଡଳୀର ଭାଜପା ନେତା ଆଲେକଜାଣ୍ଡର ଦାସଙ୍କ ସମେତ ଶତାଧିକ ଭାଜପା କର୍ମୀ ବୁଧବାର ଶଙ୍ଖଭବନଠାରେ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ଓ ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସୌମ୍ୟରଞ୍ଜନ ଧଳଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ସେମାନଙ୍କୁ ଉପଢ଼ୌକନ ଦେଇ ଉଭୟ ଦଳକୁ ସ୍ୱାଗତ କରିଛନ୍ତି। ଭାଜପା କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି କୋରେଇ ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ସସ୍ମିତ ଓ ସୌମ୍ୟରଞ୍ଜନ କହିଛନ୍ତି ।

ଏହି ଅବସରରେ ଆଲେକଜାଣ୍ଡର କହିଛନ୍ତି, ଯେ ୧୨ ବର୍ଷ ହେଲା ସେ ଭାଜପା ପାଇଁ କାମ କରୁଥିଲେ । ହେଲେ ଦଳ ତାଙ୍କୁ ଭୁଲିଗଲା । ରାତିଅଧିଆ କିଛି ନେତାଙ୍କୁ ଦଳରେ ସାମିଲ କରି ଟିକେଟ ଦିଆଗଲା । ଶୃଙ୍ଖଳିତ ଭାବେ କାମ କଲା ପରେ ବି ଦଳରେ ଅଣଦେଖା କରାଗଲା । କୋରେଇରେ ବିପୁଳ ଭୋଟରେ ବିଜେଡି ବିଜୟୀ ହେବ । ବାତ୍ୟା ମୁକାବିଲାରେ ଓଡ଼ିଶା ସାରା ବିଶ୍ୱରେ ପ୍ରଶଂସିତ । ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ଯୋଗ ଦେଇଛନ୍ତି । ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଯାହା ଦାୟିତ୍ୱ ଦେବେ ତାକୁ ସୁଚାରୁ ରୂପେ ତୁଲାଇବେ। ଦଳରେ ସମସ୍ତ ଭାଜପା କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ ସେ ଧନ୍ୟବାଦ ଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ସୁଶାନ୍ତ ସାହୁ, ନିତ୍ୟାନନ୍ଦ ମହାଳିକ, ମନୋଜ କୁମାର ଦାସ, ଆଲୋକ କୁମାର କର, ଧନଞ୍ଜୟ ସାହୁ, ବଳରାମ ମହାନ୍ତି, ବିଶ୍ୱତୋଷ ସିହ୍ନା, ସନାତନ ସାହୁ, ମଦନ ମୋହନ ପଲେଇ, ମିଲି ମହାଳିକ, କାଳନ୍ଦୀ ସାହୁ, ନୃସିଂହ ପଲେଇ, ଅଜାତଶତ୍ରୁ ଦାସଙ୍କ ସହ ଶତାଧିକ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଥିଲେ ।

# ସବୁ ଘର କାନ୍ଥରେ ଭୋଟ୍ ବର୍ଜନ ପୋଷ୍ଟର

## ନେଟ୍‌ୱର୍କ ନାହିଁ ତ ଭୋଟ ନାହିଁ ଚେତାବନୀ




ଗ୍ରାମବାସୀ ଭୋଟ ବର୍ଜନ ନିଷ୍ପତ୍ତି ନେବା ପରେ ଘର କାନ୍ଥରେ ଲାଗିଥିବା ପୋଷ୍ଟର ନିକଟରେ ଶପଥ ନେଉଛନ୍ତି।

ଖଲ୍ଲିକୋଟ, ୮।୫(ପ୍ରଶାନ୍ତ କୁମାର ମିଶ୍ର):

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ କନକା ଗ୍ରାମରେ ନାହିଁ ମୋବାଇଲ ନେଟୱାର୍କ। ଆଜିର ସମୟରେ ସାଧାରଣ ଜୀବନରେ ମୋବାଇଲ ଫୋନ ଅପରିହାର୍ଯ୍ୟ ହୋଇଥିବା ବେଳେ ଗାଁରେ ନେଟୱାର୍କ ନ ଥିବାରୁ ଗାଁ ଛାଡୁଛନ୍ତି ଅଧିବାସୀ। ତେଣୁ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି ଗ୍ରାମବାସୀ। ଗାଁରେ ଲାଗିଛି ପୋଷ୍ଟର 'ନେଟୱର୍କ ନାହିଁ ତ ଭୋଟ ନାହିଁ'। ଖଲ୍ଲିକୋଟ ବ୍ଲକ କନକା ପଞ୍ଚାୟତ କନକା ଗ୍ରାମର ଧନୁ ନାୟକ କୁହନ୍ତି, ଘରେ ସମସ୍ତେ ସରକାରୀ ଓ ବେସରକାରୀ ଚାକିରିଆ। ଗାଁରେ ଅଛି ବିରାଟ ଘର। କିନ୍ତୁ ଗାଁରେ ମୋବାଇଲ ନେଟୱର୍କ ନ ଥିବାରୁ ଘରେ ରହିବାକୁ କେହି ନାହାଁନ୍ତି। ପୁଅ ବୋହୁ ଅଫିସ କାମ କରିପାରୁ ନାହାନ୍ତି କି ନାତି ନାତୁଣୀ ପାଠ ପଢି ପାରୁନାହାନ୍ତି। ତେଣୁ ଗାଁ ବୃଦ୍ଧ ବୟସରେ ମୋବାଇଲ ନେଟୱାର୍କ ବାପା ପୁଅକୁ ଅଲଗା କରିଦେଇଛି। ଗାଁ ଠାରୁ ଏକ କିଲୋମିଟର ଦୂରରେ ସାନ ପୁଅ ରହୁଥିବାରୁ ବାପା ପାଇଁ ଖାଇବାକୁ ପଠାଇଦେଉଛି, ଆଉ ବାପା ପୁଅମାନଙ୍କ ପାଇଁ କରିଥିବା ଏହି ଘରକୁ ଜଗି ରହିଛନ୍ତି। ଏମିତି ସମସ୍ୟା କେବଳ ଧନୁଙ୍କର ନୁହେଁ, ଏହି ଗାଁରେ ରହୁଥିବା ୫୦୦ ପରିବାରରେ ଦେଖିବାକୁ ମିଳିଛି। ନେଟୱାର୍କ ପାଇଁ ଗାଁଠାରୁ ଏକ କିଲୋମିଟର ଦୂରକୁ ଯିବାକୁ ପଡୁଛି ବୋଲି ଗ୍ରାମବାସୀ କହିଛନ୍ତି। ୨୦୨୪ ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ଗାଁରେ ବୈଠକ କରି ଯୁବ ଗୋଷ୍ଠୀ ନିଷ୍ପତି ନେଇଛନ୍ତି ଏଥର ନେଟୱାର୍କ ନାହିଁତ ଭୋଟ ନାହିଁ। ନେଟୱାର୍କ ସମସ୍ୟା ଯୋଗଁ କନକା ଗାଁ ଛାଡି ଧୀରେ ଧୀରେ ଲୋକ ଅନ୍ୟତ୍ର ବସବାସ କଲେଣି। କାରଣ ନା ଏଠି କୌଣସି ଅସୁବିଧା ସମୟରେ କାହାକୁ ଯୋଗାଯୋଗ କରିହେଉଛି ନା ପିଲାମାନେ ପାଠ ପଢି ପାରୁଛନ୍ତି। ସ୍ୱାସ୍ଥ୍ୟଗତ ସମସ୍ୟା ହେଲେ ମଧ୍ୟ ୧୦୮କୁ ଯୋଗାଯୋଗ ସମ୍ଭବ ହୋଇପାରୁନି ବୋଲି କହିଛନ୍ତି ଗ୍ରାମବାସୀ ସୁବାସ ଚନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ସାହୁ, ସୁଙ୍କାନୀ ତରେଇ। ଏନେଇ ଗ୍ରାମବାସୀ ବ୍ଲକ ଠାରୁ ଧରି ଜିଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ଦୀର୍ଘ ଦିନ ହେଲା ଦୌଡି ଦୌଡି ନୟାନ୍ତ ହୋଇଥିବା ବେଳେ ସ୍ଥାନୀୟ ବିଧାୟକ ଓ ଅନ୍ୟ ନେତା କର୍ମୀମାନଙ୍କୁ ମଧ୍ୟ ଜଣାଇଛନ୍ତି, କିନ୍ତୁ କୌଣସି ସୁଫଳ ମିଳିପାରି ନାହିଁ। ତେଣୁ ଚଳିତ ନିର୍ବାଚନ ପାଖେଇ ଆସୁଥିବା ବେଳେ ଗ୍ରାମରେ ସମସ୍ତେ ବସି ଭୋଟ ବର୍ଜନ କରିବାକୁ ନିଷ୍ପତି ନେଇଛନ୍ତି। ପ୍ରତ୍ୟେକ ଘର ବାରଣ୍ଡାରେ ପୋଷ୍ଟର ମାରିଛନ୍ତି 'ନେଟୱର୍କ ନାହିଁ ତ ଭୋଟ ନାହିଁ'।

# ବିଶ୍ୱବିଦ୍ୟାଳୟ ଟପ୍ପର ହେଲେ ରଶ୍ମିରେଖା, ଗଣେଶ



ଗଣେଶ ସ୍ୱାଇଁ



ରଶ୍ମିରେଖା ପୋଲାଇ

ଆସିକା, ୮।୫ (ସୁରେନ୍ଦ୍ର ନାଥ ସାହୁ):

ଆସିକା ବିଜ୍ଞାନ ମହାବିଦ୍ୟାଳୟର ରଶ୍ମିରେଖା ପୋଲାଇ ସ୍ନାତକ ରସାୟନ ବିଜ୍ଞାନରେ ଓ ଗଣେଶ ସ୍ୱାଇଁ ସ୍ନାତକ ହିନ୍ଦୀ ଭାଷା ସାହିତ୍ୟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଛନ୍ତି । ରଶ୍ମିରେଖା ୧୩୨୫ ମାର୍କ ରଖିଥିଲା ବେଳେ ଗଣେଶ ୧୨୯୪ ମାର୍କ ରଖିଥିଲେ। କବିସୂର୍ଯ୍ୟନଗର ବ୍ଲକ ନନ୍ଦିଆଗଡା ଗ୍ରାମର ଶରତ ପୋଲାଇ ଓ ଆରତୀ ପୋଲାଇଙ୍କ କନ୍ୟା ରଶ୍ମିରେଖା ଏବଂ ଆସିକା ବ୍ଲକ ରିଷିପୁର ଗ୍ରାମର କାଳୁ ସ୍ୱାଇଁ ଓ ସୁକାନ୍ତି ସ୍ୱାଇଁଙ୍କ ପୁଅ ଗଣେଶ। ସେହିଭଳି ମହାବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ବିଭିନ୍ନ ବିଭାଗରେ କୃତୀ ତାଲିକାରେ ରହିଛନ୍ତି। ଛାତ୍ରୀ ସରସ୍ୱତୀ ବେହେରା ଅର୍ଥନିତୀରେ ଦ୍ୱିତୀୟ, ଇପସିତା ପ୍ରଧାନ ଇଂରାଜୀରେ ନବମ, ଅଲିପସା ସ୍ୱାଇଁ ଦଶମ, ହିନ୍ଦୀ ଭାଷା ସାହିତ୍ୟର ଛାତ୍ରୀ କୁଙ୍କୁମ ପାଣିଗ୍ରାହୀ ଦ୍ୱିତୀୟ, ଇପସିତା ସ୍ୱାଇଁ ତୃତୀୟ, ପ୍ରୟଦର୍ଶିନୀ ପାଣିଗ୍ରାହୀ ଚତୁର୍ଥ, କୁଲତା ନାହାକ ପଞ୍ଚମ, ମଧୁସ୍ମିତା ପାଣିଗ୍ରାହୀ ଷଷ୍ଠ, ଯସ୍ମିନ ସ୍ୱାଇଁ ସପ୍ତମ, ପ୍ରିୟଙ୍କା କୁମାରୀ ବିଶ୍ୱାଳ ଅଷ୍ଟମ, ଶ୍ରାବଣୀ ଜେନା ନବମ ସ୍ଥାନ ହାସଲ କରିଛନ୍ତି। ସେହିଭଳି ଇତିହାସ ବିଭାଗରେ ଶୁଭଶ୍ରୀ ବିଷୋୟୀ ଷଷ୍ଠ, ରୋଜା ବିଷୋୟୀ ସପ୍ତମ, ରାଜନିତୀ ବିଜ୍ଞାନ ବିଭାଗରେ ଉର୍ମିଳା ପ୍ରଧାନ ତୃତୀୟ, ଓଡିଆ ବିଭାଗରେ ଜ୍ୟୋତିର୍ମୟୀ ପାଣିଗ୍ରାହୀ ଦ୍ୱିତୀୟ, ମୟୂରୀ କୁମାରୀ ରାଉତ ଚତୁର୍ଥ ଏବଂ ପ୍ରାଣୀ ବିଜ୍ଞାନ ବିଭାଗର ଛାତ୍ରୀ ପାୟଲ ବେହେରା ତୃତୀୟ ସ୍ଥାନ ଅଲଙ୍କୃତ କରି ମହାବିଦ୍ୟାଳୟକୁ ସୁନାମ ଆଣିଛନ୍ତି।

## ସଂକ୍ଷେପରେ

### ବିଦେଶରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ଖଲ୍ଲିକୋଟ,୮।୫(ପ୍ରଶାନ୍ତ କୁମାର ମିଶ୍ର)

ବେହେରିନର ନାସା କମ୍ପାନୀରେ ଦାଦନ ଶ୍ରମିକ ଭାବେ କାମ କରୁଥିବା ଖଲ୍ଲିକୋଟ ବ୍ଲକ ତେନ୍ତୁଳିଆପଲ୍ଲୀ ପଞ୍ଚାୟତ ବାଗଲପୁର ଗ୍ରାମର କାର୍ତ୍ତିକ ପ୍ରଧାନଙ୍କ ପୁଅ ସାଗରଙ୍କ ମୃତ୍ୟୁ ଘଟିଛି। କାର୍ତ୍ତିକ ପ୍ରଧାନ ଓ ତାଙ୍କ ପୁଅ ସାଗର ଦୀର୍ଘ ୧୦ ମାସ ହେଲା ରୋଜଗାର ଆଶାରେ ଭିଟାମାଟି ଛାଡି ଦେଶ ବାହାରକୁ ଯାଇଥିଲେ। ବାପା କାର୍ତ୍ତିକ ମାଳଦ୍ୱୀପ ଥିବା ବେଳେ ପୁଅ ସାଗର ବେହେରିନର ନାସା କମ୍ପାନୀରେ ମିସ୍ତ୍ରୀ ଭାବେ କାମ କରି ଆସୁଥିଲେ। ଗତ ଶନିବାର ପୁଅ ସାଗର ଘରକୁ ଫୋନ କରି କଥା ହୋଇଥିବା ବେଳେ ରବିବାର ସାଗରଙ୍କ ମୃତ୍ୟୁ ଘଟିଥିବା ସେଠାରେ ଥିବା ଲୋକମାନେ ପରିବାରକୁ ଜଣାଇଥିଲେ। ସାଗର ବେହେରିନ ଯିବା ପାଇଁ ୧ ଲକ୍ଷ ଟଙ୍କା ଋଣ ଆଣି ଯାଇଥିବା ବେଳେ ଭଉଣୀର ବାହାଘରରେ ଋଣ ଆଣି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଥିଲେ। ସେହି ଋଣକୁ ପରିଶୋଧ କରିବା ପାଇଁ ଭିଟାମାଟି ଛାଡିଥିଲେ ବାପା ପୁଅ ବାହାରକୁ ଯାଇଥିଲେ। କିନ୍ତୁ ପୁଅର ମୃତ୍ୟୁ ଶୁଣି ପରିବାର ଲୋକେ ଅସହାୟ ହୋଇଯାଇଥିବା ବେଳେ ମୃତଦେହକୁ ଘରକୁ ଆଣିବା ସହ କ୍ଷତି ପୂରଣ ଓ ସଠିକ ତଦନ୍ତ କରି ନ୍ୟାୟ ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି। ପ୍ରଶାସନ ସାଗରଙ୍କ ମୃତଦେହକୁ ଶୀଘ୍ର ଗ୍ରାମକୁ ଫେରାଇ ଆଣିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ପୋଖରୀରୁ ଅଚିହ୍ନା ବୃଦ୍ଧଙ୍କ ମୃତଦେହ ଜବତ

ଖଲ୍ଲିକୋଟ,୮।୫(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ଥାନା ଅନ୍ତର୍ଗତ ଶ୍ରୀକୃଷ୍ଣଶରଣପୁର ପଞ୍ଚାୟତର ପଣ୍ଡିତ ଗାଁ ଚଟିବନ୍ଧରୁ ଜଣେ ଅଚିହ୍ନା ବୃଦ୍ଧଙ୍କ ମୃତଦେହ ଜବତ କରିଛି ଅଗ୍ନିଶମ ବାହିନୀ। ବୁଧବାର ସନ୍ଧ୍ୟା ୫ଟାରେ ପଣ୍ଡିତ ଗାଁ ପୋଖରୀରେ ଜଣେ ଅଚିହ୍ନା ବୃଦ୍ଧଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ କିଛି ଯୁବକ ଖଲ୍ଲିକୋଟ ଥାନା ପୋଲିସ ଓ ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ପୋଖରୀରୁ ବୃଦ୍ଧଙ୍କ ମୃତଦେହକୁ ବାହାର କରି ତଦନ୍ତ ଚଳାଇଥିବା ବେଳେ ମୃତ ବୃଦ୍ଧଙ୍କ ବର୍ତ୍ତମାନ ସୁଦ୍ଧା ପରିଚୟ ମିଳିପାରି ନାହିଁ। ତେବେ ପୋଖରୀ କୂଳରେ ଥିବା ପଥର ଉପରେ ଗୋଟିଏ ଆଶା ବାଡ଼ି ଓ ବ୍ୟାଗ ଥିବା ଦେଖିବାକୁ ମିଳିଛି।

### ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ବୁଗୁଡା,୮।୫(କାଳିଚରଣ ଦାଶ)

ସାଧାରଣ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ତଥା ଚଳିତ ମାସ ୨୦ ତାରିଖରେ ଆସ୍କା ଲୋକସଭା ଓ ପୋଲସରା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭୋଟ ଗ୍ରହଣ ହେବ। ନିର୍ବାଚନକୁ ଅବାଧ ଓ ନିରପେକ୍ଷତାର ସହ ପରିଚାଳନା ଏବଂ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ଲକ୍ଷ୍ୟରେ ବୁଗୁଡା ପୋଲିସ ପକ୍ଷରୁ ବୁଧବାର ସହରରେ ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। ପୋଲିସ ଏସ୍‌ଆଇ ସମୀର କୁମାର ସେଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଉକ୍ତ ଫ୍ଲାଗ୍ ମାର୍ଚ୍ଚରେ ଏସ୍‌ଆଇ ବବିତା ପ୍ରଧାନ ଓ ସୁମନ୍ତ ବେହେରାଙ୍କ ସମେତ ସ୍ଥାନୀୟ ପୋଲିସ ଏବଂ ଦୁଇ ପ୍ଲାଟୁନ୍ ସିଆଇଏସ୍‌ଏଫ୍ ସାମିଲ୍ ଥିଲେ।

### ଗ୍ରାମ ରାସ୍ତା ଶୋଚନୀୟ, ନିର୍ମାଣ ଦାବି

ଶେରଗଡ଼, ୮।୫ (ସୂର୍ଯ୍ୟନାରାୟଣ ଦାଶ):

ଶେରଗଡ଼ ବ୍ଲକ ଅଲାରିଗଡ଼ ପଞ୍ଚାୟତର ଖଇରବେଠୀ ଗ୍ରାମରେ ଥିବା ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଘୋଡ଼ା ନଦୀ କଡ଼େ କଡ଼େ ମାତ୍ର ୩କିମି ରାସ୍ତା ଗ୍ରାମକୁ ଲମ୍ବିଛି। ଏହି ରାସ୍ତାଟି ମାଟି କାଦୁଅ ହୋଇ ରହିଛି। ଉକ୍ତ ରାସ୍ତାଟି ଗ୍ରାମର ମୁଖ୍ୟ ରାସ୍ତା ହୋଇଥିବା ବେଳେ ପ୍ରତିବର୍ଷ ବର୍ଷା ହେଲେ ରାସ୍ତାରେ ଯିବା ଆସିବା କଷ୍ଟକର ହୋଇପଡୁଛି। ଉକ୍ତ ରାସ୍ତାକୁ ନିର୍ମାଣ କରିବାକୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଫଳରେ ଯିବା ଆସିବା କଷ୍ଟକର ହେଉଛି। ଏଣୁ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ସହ ତୁରନ୍ତ ରାସ୍ତା ମରାମତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଗଞ୍ଜାମ ଜିଲା ଟାଏକୋଣ୍ଡୋ ସଂଘର ନିର୍ବାଚନ



ନବନିର୍ବାଚିତ ସଭ୍ୟ ଓ ଅନ୍ୟମାନେ

ଛତ୍ରପୁର, ୮।୫(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ଛତ୍ରପୁରସ୍ଥିତ ଲକ୍ଷ୍ମଣ ଭବନଠାରେ ଗଞ୍ଜାମ ଜିଲା ଟାଏକୋଣ୍ଡୋ ସଂଘର ବାର୍ଷିକ ସଭା ଓ ନିର୍ବାଚନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି । ଏହି ନିର୍ବାଚନକୁ ଛତ୍ରପୁର ଓକିଲ ସଂଘର ଆଇନଜୀବୀ ଟି. ସୁଶାନ୍ତ ରିଟର୍ନିଂ ଅଫିସର ଭାବେ ନିର୍ବାଚନ ପରିଚାଳନା କରିଥିଲେ ଓ ଓଡ଼ିଶା ରାଜ୍ୟ ଟାଏକୋଣ୍ଡୋ ସଙ୍ଘର ତରଫରୁ ଖୋର୍ଦ୍ଧା ଟାଏକୋଣ୍ଡୋ ସଂଘର ସମ୍ପାଦକ ଅଜୟ କୁମାର ସାହୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଥିଲେ। ଗଞ୍ଜାମ ଜିଲା ଟାଏକୋଣ୍ଡୋ ସଂଘର ବାଇଲୋ ଅନୁସାରେ ୧୧ଟି ପଦ ପାଇଁ ନିର୍ବାଚନ ପ୍ରକ୍ରିୟା ଘୋଷଣା କରାଯାଇଥିଲା। ନିର୍ବାଚିତ ସଦସ୍ୟମାନେ ହେଲେ ଡ଼ା. ଅନିତା ମିଶ୍ର (ସଭାପତି) ଗୌରୀହର ପଣ୍ଡା ଓ କେ. ସନ୍ତୋଷ କୁମାର ରେଡ଼ି (ଉଭୟ ଉପ ସଭାପତି), କେ ମନୋଜ ପ୍ରଧାନ (ସାଧାରଣ ସମ୍ପାଦକ), ବାସୁ ନାୟକ (ଯୁଗ୍ମ ସମ୍ପାଦକ), ଇ. ଲଳିତ କୁମାର (କୋଷାଧ୍ୟକ) ଓ ୫ ଜଣ କାର୍ଯ୍ୟନିର୍ବାହୀ ସଦସ୍ୟ ହେଲେ ପ୍ରସାଦ ନାୟକ, ପି.ଚିରଞ୍ଜୀବ ରେଡ୍ଡୀ, ଏନ. ଦୀନବନ୍ଧୁ ରେଡ୍ଡୀ, ଗଜାନନ ବେହେରା, ପି. ଅଭିମାନ୍ୟୁ ରେଡ୍ଡୀ। ନବ ନିର୍ବାଚନ ସଦସ୍ୟମାନଙ୍କୁ ଓଟିଏର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ଓ ସଭାପତି ବ୍ୟୋକେଶ ଅଭିଳାଷ ପ୍ରସାଦ ଫୋନ ଯୋଗେ ଶୁଭେଚ୍ଛା ଜଣାଇଛନ୍ତି। ନବ ନିର୍ବାଚିତ ସଭାପତି ଡ଼ା. ଅନିତା ମିଶ୍ର ଗଞ୍ଜାମ ଜିଲା ଟାଏକୋଣ୍ଡୋ ଖେଳର ଆହୁରି ମାନବୃଦ୍ଧି ତଥା ରାଜ୍ୟ, ଜାତୀୟ ପ୍ରତିଯୋଗିତା ଆୟୋଜନ କରିବା ପାଇଁ ମତ ରଖି ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ମଦ ଜବତ, ୪ ଗିରଫ

ଆସିକା, ୮।୫ (ସୁରେନ୍ଦ୍ର ନାଥ ସାହୁ):

ଆସିକା ପୋଲିସ ପକ୍ଷରୁ ବୁଧବାର ଆସିକା ଏନଏସିର ଆଇ.ବି. ଏରୋଗୋଲା କ୍ୟାମ୍ପ ଓ ସନ୍ତୋଷୀ ମା' ମନ୍ଦିର ଏରୋଗୋଲା କ୍ୟାମ୍ପ ଉପରେ ଚଢାଉ କରାଯାଇ ୨ଶହ ଲିଟର ରନ୍ଧା ମଦ ଜବତ କରାଯିବା ସହ ୨ ହଜାର ଲିଟର ପୋଚ ନଷ୍ଟ କରାଯାଇଛି। ଏହି ଘଟଣାରେ ଜଣେ ମହିଳାଙ୍କ ସମେତ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଏ. ସୁରେଶ, ଏ. କ୍ରାନ୍ତୀକୁମାର, ଏ. କାଳିଦାସ ପ୍ରମୁଖ । ଗିରଫ ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୁଇଟି ପୃଥକ ମାମଲା ରୁଜୁ କରାଯାଇଛି । ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ରେଡ୍‌କ୍ରସ ଦିବସରେ ପଣା ବଣ୍ଟନ

ବେଲଗୁଣ୍ଠା,୮।୫(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ କ୍ଷତ୍ରିୟବରପୁରସ୍ଥିତ ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡ଼କ୍ରସ ଶାଖା ତରଫରୁ ବିଶ୍ୱ ରେଡ଼କ୍ରସ୍ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ଯୁବ ରେଡକ୍ରସ୍ ସ୍ୱେଚ୍ଛାସେବୀମାନେ କଲେଜ ପରିସରସ୍ଥ ଉଦ୍ୟାନରେ ଥିବା ଔଷଧୀୟ ବୃକ୍ଷରେ ପାଣି ଦେବା ସହ ବାଟୋଇ ମାନଙ୍କୁ ପଣା ବଣ୍ଟନ କରିଥିଲେ। ଅନୁଷ୍ଠାନ ଅଧକ୍ଷ ବିଷ୍ଣୁ ପ୍ରସାଦ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଯୁବ ରେଡ଼କ୍ରସ୍ ଉପଦେଷ୍ଟା ସୁଶାନ୍ତ କୁମାର ଲେଙ୍କା ସଂଯୋଜନା କରିଥିଲେ। ଅନୁଷ୍ଠାନର କର୍ମଚାରୀ କୁମୁଦ ଚନ୍ଦ୍ର ମହାପାତ୍ର, ପି ଦୀପକ ରାଓ, ଦେବେଶ ଚନ୍ଦ୍ର ମହାପାତ୍ର, ଗଙ୍ଗାଧର ରଣା, ତ୍ରିନାଥ ବେହେରା, ଜୟଶ୍ରୀ ସେଠି, ଭାରତୀ ବିଶ୍ୱାଳ, ରାମଚନ୍ଦ୍ର ନାୟକ, ପଦ୍ମ ଚରଣ ନାୟକ, ମହେଶ୍ୱର ନାଇକ ପ୍ରମୁଖ ପରିଚାଳନା କରିଥିଲେ। ଯୁବ ରେଡ଼କ୍ରସ୍ ସହ ଉପଦେଷ୍ଟା ସ୍ୱରୂପା ରାଣୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଞ୍ଜାମ ଏନ୍‌ଏସି ବିଜେଡିର ମିଶ୍ରଣ ପର୍ବ

ଗଞ୍ଜାମ,୮।୫(ବିଦ୍ୟାଧର ସାହୁ)

ଗଞ୍ଜାମ ଏନ୍‌ଏସି ଅନ୍ତର୍ଗତ ୱାର୍ଡ ନଂ ୮ ପୁଇଁତଳା ଗ୍ରାମର ପୂର୍ବତନ ଭାଜପା ନଗର ସଭାପତି ସୁଦାମ ଚରଣ ଜେନା ମଙ୍ଗଳବାର ତାଙ୍କ ସମର୍ଥକଙ୍କ ସହ ଶଙ୍ଖ ଭବନରେ ବିଜେଡିରେ ସାମିଲ ହୋଇଥିଲେ। ଗଞ୍ଜାମ ଜୟଶ୍ରୀ ଛକ ସ୍ଥିତ ବିଜେଡି କାର୍ଯ୍ୟାଳୟରେ ଏନଏସି ବିଜେଡି ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ମିଶ୍ରଣ ପର୍ବ ଆରମ୍ଭ ହୋଇଥିଲା। ସୁଦାମଙ୍କ ନେତୃତ୍ୱରେ ପୁଇଁତଳା ଗ୍ରାମର ବିଶ୍ୱନାଥ ପଲାଇ, ବିକ୍ରମ ମହାରଣା, ସୁଶାନ୍ତ କୁମାର ତରାଇଙ୍କ ସମେତ ଦାମୋଦରପୁର ଗ୍ରାମର କେତେଜଣ ବ୍ୟକ୍ତି ଭାଜପା ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ। ଦଳରେ ମିଶିଥିବା ନେତା ଓ କର୍ମୀଙ୍କୁ ବିଜେଡି ଏନ୍‌ଏସି ଯୁବ ସଭାପତି ସୁଧୀର କୁମାର ପାଢ଼ୀ, ଏନଏସି ଉପାଧ୍ୟକ୍ଷ ସୁରେନ୍ଦ୍ର ବାରିକି, ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ, ନଗର ବିଜେଡି ସଭାପତି ରଙ୍କ ପଲାଇ, ପୂର୍ବତନ ଏନଏସି ଉପନଗରପାଳ ନୀଳାଞ୍ଚଳ ବାରିକି, ପୂର୍ବତନ କାଉନସିଲର ଦଣ୍ଡପାଣି ପରିଡା ପ୍ରମୁଖ ଦଳୀୟ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ। ସୁଦାମ ଦଳରେ ମିଶିବା ପରେ ଗଞ୍ଜାମ ଏନ୍‌ଏସି ବିଜେଡିର ଶକ୍ତି ବୃଦ୍ଧି ହେବ ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି। ଅନ୍ୟପଟେ ଭାଜପାକୁ ଶକ୍ତ ଧକ୍କା ଲାଗିଥିବା ସହରରେ ଚର୍ଚ୍ଚା ମଧ ହେଉଛି।

# ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା




ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଭଞ୍ଜନଗର,୮।୫(ବାବୁଲା ପ୍ରଧାନ):

ଭଞ୍ଜନଗର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଆସିକା ନିର୍ବାଚନ ପର୍ଯ୍ୟବେକ୍ଷକ ହରି ମୋହନ ମୀନା ଆସିକା, ସୋରଡା ଏବଂ ଭଞ୍ଜନଗର ନିର୍ବାଚନ ମଣ୍ଡଳୀର ନିର୍ବାଚନ କାର୍ଯ୍ୟ ସମୀକ୍ଷା କରିଥିଲେ। ନିର୍ବାଚନ କାର୍ଯ୍ୟ କିଭଳି ଶାନ୍ତି ଶୃଙ୍ଖଳାର ସହ ହୋଇପାରିବ ସେ ସମ୍ପର୍କରେ କହିଥିଲେ। ଏହି ଅବସରରେ ରିଟର୍ନିଂ ଅଧିକାରୀ ତଥା ଭଞ୍ଜନଗର ଉପଜିଲାପାଳ ଅନିଲ କୁମାର ସେଠୀ, ଅତିରିକ୍ତ ଉପଜିଲାପାଳ ବିଶ୍ୱ ରଞ୍ଜନ କର ପ୍ରମୁଖ ଯୋଗଦେଇ ଆଦର୍ଶ ଆଚରଣ ବିଧି ଉପରେ କହିଥିଲେ। ବିଭିନ୍ନ ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ଏବଂ ସେମାନଙ୍କ ଏଜେଣ୍ଟ ବୈଠକରେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଏହାପରେ ନିର୍ବାଚନ ଅଧିକାରୀଙ୍କ ଉପସ୍ଥିତିରେ ଏଜେଣ୍ଟମାନେ ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ହୋଇଥିବା ଷ୍ଟ୍ରଙ୍ଗ ରୁମ ବୁଲି ଦେଖିଥିଲେ।

# ଭାଜପା ପ୍ରାର୍ଥୀଙ୍କ ମାରାଥନ ପ୍ରଚାର



ଆସିକା, ୮।୫ (ସୁରେନ୍ଦ୍ର ନାଥ ସାହୁ):

ଆସିକା ବିଧାନସଭା ଆସନର ଭାଜପା ପ୍ରାର୍ଥୀ ସରୋଜ କୁମାର ପାଢୀ ବୁଥସ୍ତରୀୟ ବୈଠକରେ କର୍ମୀଙ୍କୁ ସଂଗଠିତ କରିଥିଲା ବେଳେ ବୁଧବାର ଠାରୁ ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି। ଆସିକା ବ୍ଲକର ଗଙ୍ଗାପୁର, ବାଲିଛାଇ, ଜୟପରୁ ଓ ଖଣ୍ଡଦେଉଳି ପଞ୍ଚାୟତ ଅନ୍ତର୍ଗତ ସାହାସପୁର, କିଶୋରଚନ୍ଦ୍ରପଲ୍ଲୀ, ବାଲିଛାଇ, ନିରାଳ, ରିଷିପୁର, ଖଣ୍ଡଦେଉଳି, ଖର୍ଣ୍ଣୋଳି ସମେଇଗୁଡା, ଗୌଡଗୋଠ, ଜୟପୁର, ପଡାଳ, କେନ୍ଦୁପଦର ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମରେ ବୁଲି ମତଦାତାଙ୍କୁ ଭାଜପା ସପକ୍ଷରେ ମତଦାନ କରିବା ପାଇଁ ନିବଦେନ କରିଛନ୍ତି। ପାଢୀଙ୍କ ସହ ବିଜୟ ସ୍ୱାଇଁ, ସରୋଜ ଭଞ୍ଜ, ଅନିଲ ପରିଡା, ସୁଶାନ୍ତ ରାଉତ, ସୁଶାନ୍ତ ନାହାକ, ସନ୍ଦିପ ପାଢୀ, ବାଇନାଥ ପାତ୍ରଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ସାମିଲ ଥିଲେ।

# ଅଲାରିଗଡ଼ରେ ବିଜେଡିର ପ୍ରଚାର



ଶେରଗଡ, ୮।୫(ସୂର୍ଯ୍ୟନାରାୟଣ ଦାଶ):

ଶେରଗଡ ବ୍ଲକ ଅଲାରିଗଡ଼ ପଞ୍ଚାୟତରେ ବୁଧବାର ବିଜେଡିର ପ୍ରଚାର କରାଯାଇଛି। ସ୍ଥାନୀୟ ଜଗନ୍ନାଥ ମନ୍ଦିର ସମ୍ମୁଖରୁ ନେତା ଓ କର୍ମୀମାନେ ଏକଜୁଟ ହୋଶଇ ଶୋଭାଯାତ୍ରାରେ ଯାଇଥିଲେ। ଏଥିରେ ବହୁ ମହିଳା ସାମିଲ ହୋଇଥିଲେ। ମହିଳାମାନେ ନବୀନ ପଟ୍ଟନାୟକ ଓ ରଞ୍ଜିତା ସାହୁଙ୍କୁ ଶଙ୍ଖ ଚିହ୍ନରେ ମୋହର ମାରି ଜୟଯୁକ୍ତ କରିବାକୁ ପ୍ରଚାର କରିଥିଲେ। ଜିଲା ପରିଷଦ ସଭ୍ୟ ନିବେଦିତା ପ୍ରଧାନ, ବ୍ଲକ ବିଜେଡି ସଭାପତି ଶରତଚନ୍ଦ୍ର ପାତ୍ର ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ବରିଷ୍ଠ ନେତା ହୀନ ବେହେରା, ବିପିନ ବିହାରୀ ପାତ୍ର, ସରପଞ୍ଚ ସାରସ ସ୍ୱାଇଁ, ଦିଗାମ୍ବର ନାହାକ ସମେତ ବହୁ ନେତା କର୍ମୀ ପ୍ରଚାର କରିଥିଲେ।

# ସରକାରୀ ଓକିଲ, କଲେଜ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ପୋଲସରା,୮।୫(ସୁବ୍ରତ ବେହେରା)

ପୋଲସରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବୁଗୁଡ଼ା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ସରକାରୀ ଓକିଲ, ବୁଗୁଡ଼ା ତହସିଲଦାରଙ୍କ କାର୍ଯ୍ୟାଳୟର ସରକାରୀ ଓକିଲ ଏବଂ ବୁଗୁଡ଼ା ବଳଦେବ ଜିଉ ମହାବିଦ୍ୟାଳୟର କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଭାଜପାର ବିଧାୟକ ପ୍ରାର୍ଥୀ ଗୋକୁଳାନନ୍ଦ ମଲ୍ଲିକ ଦାବି କରିଛନ୍ତି। ଗୋକୁଳାନନ୍ଦ ଜାତୀୟ ମୁଖ୍ୟ ନିର୍ବାଚନ କମିଶନ, ରାଜ୍ୟ ନିର୍ବାଚନ କମିଶନ ଏବଂ ଗଞ୍ଜାମ ଜିଲାପାଳଙ୍କ ନିକଟକୁ ଉକ୍ତ ଦାବିପତ୍ର ପ୍ରେରଣ କରିଥିବା ଜଣାଇଛନ୍ତି। ଗୋକୁଳାନନ୍ଦ ଅଭିଯୋଗ କ୍ରମେ, ୩୦.୪.୨୦୨୪ ତାରିଖରେ ବିଜେଡି ପ୍ରାର୍ଥୀ ଶ୍ରୀକାନ୍ତ ସାହୁ ନିଜର ପ୍ରାର୍ଥୀ ପତ୍ର ଦାଖଲ କରିବାକୁ ଯିବା ବେଳେ ବୁଗୁଡ଼ା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ସରକାରୀ ଓକିଲ ରବିନ୍ଦ୍ର କୁମାର ପଣ୍ଡା ଏବଂ ତହସିଲ କାର୍ଯ୍ୟାଳୟର ସରକାରୀ ଓକିଲ କେ ତ୍ରିଲୋଚନ ଦୋରା ବେକରେ ବିଜେଡିର ସଙ୍କେତ ଥିବା ଉତ୍ତରୀୟ ପକାଇ ଶୋଭାଯାତ୍ରାରେ ସାମିଲ ହୋଇଥିବା ସହିତ ନାମାଙ୍କନ ଦାଖଲ ସମୟରେ ଉପସ୍ଥିତ ଥିଲେ। ସେହିପରି ବୁଗୁଡ଼ା ବଳଦେବ ଜିଉ ମହିଳା ମହାବିଦ୍ୟାଳୟର କର୍ମଚାରୀ ସରୋଜ କୁମାର ବେହେରା ମଧ୍ୟ ଖୋଲାଖୋଲି ଭାବେ ଉକ୍ତ ଶୋଭାଯାତ୍ରାରେ ଯାଇ ଶାସକ ଦଳ ପାଇଁ ନିର୍ବାଚନ ପ୍ରଚାର କରୁଛନ୍ତି। ଯେହେତୁ ସେମାନେ ସରକାରଙ୍କଠାରୁ ପାରିଶ୍ରମିକ ଓ ଦରମା ପାଉଛନ୍ତି ଏଣୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗୋକୁଳାନନ୍ଦ ଜାତୀୟ ମୁଖ୍ୟ ନିର୍ବାଚନ କମିଶନଙ୍କୁ ଅନୁରୋଧ କରିଛନ୍ତି। ଗୋକୁଳାନନ୍ଦ ଏହାର ଅବିକଳ ନକଲ ରାଜ୍ୟ ନିର୍ବାଚନ କମିଶନ ଓ ଗଞ୍ଜାମ ଜିଲାପାଳଙ୍କ ନିକଟକୁ ପଠାଇଥିବା କହିଛନ୍ତି।



ନାମାଙ୍କନ ଦାଖଲ ସମୟର ଫଟୋ।

# ଥଳାବାଲାଙ୍କୁ କାର୍ଡ, ଗରିବଙ୍କୁ ମିଳୁନି ରାଶନ

## ପଟ୍ଟାମୁଣ୍ଡାଇ ବ୍ଲକରେ ଖାଦ୍ୟ ସୁରକ୍ଷା ଯୋଜନା ବାଟବଣା

■ କାର୍, ବୁଲେଟ୍‌ରେ ବୁହାହେଉଛି ରାଶନ

■ ରାଶନ ବଦଳରେ ଡିଲରଙ୍କ ପାଖରେ ମୂଲଚାଲ



ପଟ୍ଟାମୁଣ୍ଡାଇ,୮।୫ (କଳ୍ପତରୁ ନାୟକ)

ଦେଶରେ କେହି ଭୋକିଲା ରହିବେ ନାହିଁ। ପେଟ ପାଇଁ ଆଉ କେହି ଭିକ୍ଷାବୃତ୍ତି କରିବେ ନାହିଁ। ଏ ନେଇ ୨୦୧୩ରେ କେନ୍ଦ୍ର ସରକାର ଖାଦ୍ୟ ସୁରକ୍ଷା ଆଇନ ପ୍ରଣୟନ କରିଥିଲେ। ଏହି ଆଇନ ବଳରେ ଓଡ଼ିଶାର ସାଢ଼େ ୪ କୋଟି ଜନସଂଖ୍ୟାରୁ ୩.୨୫ କୋଟି ଲୋକ ଉପକୃତ ହେଉଛନ୍ତି। ସେହି ମୁତାବକ ଗ୍ରାମାଞ୍ଚଳରେ ବସବାସ କରୁଥିବା ଶତକଡା ୮୦ ଭାଗ ପରିବାରଙ୍କୁ ରାଶନ କାର୍ଡ ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଏହି କାର୍ଡ ଜରିଆରେ ପରିବାରଙ୍କୁ ଖାଦ୍ୟସାମଗ୍ରୀ ଯୋଗାଇ ଦିଆଯାଉଛି। ମାତ୍ର ସର୍ଭେରେ ଅଯୋଗ୍ୟ ପରିବାରକୁ ବାଦ୍ ଦିଆଯାଇ ତାଲିକା ପ୍ରସ୍ତୁତ କରାଯାଇଥିବା ବେଳେ କି ଜାଣି ନ ଥିବା ଯୋଗ୍ୟ ହିତାଧିକାରୀ ମଧ୍ୟ ବାଦ୍ ପଡ଼ି ଚୁପ୍ ରହିଥିଲେ। ମାତ୍ର ତାଲିକାରୁ ବାଦ୍ ପଡ଼ିଥିବା ମାଗଣାଖିଆ କର୍ମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଏହି ଅସନ୍ତୋଷ ୨୦୧୯ ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିବା ଆଶଙ୍କାରେ ୨୦୧୮ରେ ରାଜ୍ୟ ସରକାର ଖାଦ୍ୟ ସୁରକ୍ଷା ଯୋଜନା ପ୍ରଣୟନ କରି ସାମିଲ କରାଇଥିଲେ। ମାତ୍ର କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ଖାଦ୍ୟ ସୁରକ୍ଷା ଯୋଜନା ବାଟବଣା ହୋଇଥିବା ଅଭିଯୋଗ ହେଉଛି। ଥଳାବାଲା କାର୍ଡ ହାତେଇଥିବା ବେଳେ ବହୁ ଯୋଗ୍ୟ ହିତାଧିକାରୀ ରାଶନ ପାଇବାରୁ ବଞ୍ଚିତ ହେଉଛନ୍ତି। ଥଳାବାଲା ବୁଲେଟ୍ ଓ କାରରେ ରାଶନ ସାମଗ୍ରୀ ନେଇ ବିକ୍ରି କରୁଛନ୍ତି। ଆଉ କେତେଜଣ ଲୋକଲଜ୍ଜାକୁ ନେଇ ଡିଲରଙ୍କ ସହ ମୂଲଚାଲ କରି ରାଶନ ସମଗ୍ରୀ ବିକ୍ରି କରୁଥିବା ଅଭିଯୋଗ ହେଉଛି।

ସାମାଜିକ କର୍ମୀ ସତ୍ୟପ୍ରିୟ ସାମଲ, ଅନନ୍ତ ଦାଶ, ପ୍ରମୋଦ ସାହୁ, ଉତ୍କଳ ଯୁବକ ସଂଘ ସଭାପତି ଗୌତମ ବେହେରା ପ୍ରମୁଖ କହିଛନ୍ତି, ୨୦୧୧ ସାମାଜିକ ଅର୍ଥନୈତିକ ଗଣନା ଦୃଷ୍ଟିରୁ ପଟ୍ଟାମୁଣ୍ଡାଇ ବ୍ଲକର ୧୫୩ଟି ଗ୍ରାମରେ ମୋଟ ୩୬,୫୨୮ ପରିବାର ଥିବା ବେଳେ ଜନସଂଖ୍ୟା ୨ ଲକ୍ଷ ୧୯ ହଜାର ୬୩ ରହିଛି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ବଳରେ ୮୦ ଶତକଡା ହାରରେ ୨୭,୬୯୮ ପରିବାରର ୧ ଲକ୍ଷ ୨୫ ଲୋକଙ୍କୁ ରାଶନ କାର୍ଡ ମିଳିଛି। ଅନ୍ତ୍ୟୋଦୟ ଯୋଜନା ଜରିଆରେ ୩,୮୬୪ ପରିବାର ଲୋକଙ୍କୁ ସୁବିଧା ମିଳୁଛି। ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା-୨୦୧୮ରେ ବ୍ଲକର ୨,୮୮୨ ପରିବାରଙ୍କୁ ସାମିଲ କରାଯାଇଛି। ଏହାଛଡ଼ା ଖାଦ୍ୟ ସୁରକ୍ଷା ଯୋଜନାରେ ୨୦୦୦ରୁ ଊର୍ଦ୍ଧ୍ୱ ଓ ଖାଦ୍ୟ ସୁରକ୍ଷା ଆଇନରେ ୧୦୦୦ରୁ ଊର୍ଦ୍ଧ୍ୱ ପରିବାର ଆବେଦନ କରିଛନ୍ତି। ମାତ୍ର ସେମାନଙ୍କୁ ଏଯାଏ କାର୍ଡ ମିଳିନାହିଁ। ଏ ସବୁକୁ ମିଶାଇଦେଲେ ସାମାଜିକ, ଅର୍ଥନୈତିକ, ଜାତିଗତରେ ଉଲ୍ଲେଖ ଥିବା ପରିବାର ସଂଖ୍ୟାଠାରୁ ଖାଦ୍ୟ ସୁରକ୍ଷା ଆଇନ ଓ ଯୋଜନା କାର୍ଡ ସଂଖ୍ୟାକୁ ଟପିଯାଇଛି। ଏହାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଖାଦ୍ୟ ସୁରକ୍ଷାକୁ ନେଇ ଆଇନ ପ୍ରଣୟନ ହେବା ସତ୍ତ୍ୱେ ଯୋଜନା କରିବାର ପ୍ରାସଙ୍ଗିକତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏଥିରେ ଅଯୋଗ୍ୟଙ୍କୁ ବାଦ୍ ଦିଆଯାଇ ଯୋଗ୍ୟଙ୍କୁ ତାଲିକାରେ ଯୋଡ଼ାଯିବାନେଇ ଆଇନରେ ଉଲ୍ଲେଖ ରହିଛି। ତେବେ ଓଡ଼ିଶାରେ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଲୋକ ଗରିବ ଥିବା ଦର୍ଶାଯିବା ନେଇ ଆଉ ଏକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ବି ଥାଆନ୍ତି ଆଇନ ବଳରେ ସେସବୁ ପରିବାରକୁ ପର୍ଯ୍ୟାୟକ୍ରମେ ତାଲିକାଭୁକ୍ତ କରାଯାଇପାରିବ। ଯୋଗ ଓ ବିଯୋଗ ପ୍ରକ୍ରିୟା ସମ୍ଭବ ହୋଇପାରିବ। ମାତ୍ର ଏଠାରେ ତାହା ନ ହୋଇ ଆଉ ଏକ ଯୋଜନା କାର୍ଯ୍ୟକାରୀ କରାଗଲା। ଏ ନେଇ ସାଧାରଣ ଲୋକଙ୍କ ମନରୁ ଦ୍ୱନ୍ଦ୍ୱ ହଟି ନ ଥିବା ବେଳେ ଏହି ଯୋଜନା ଜରିଆରେ ଥଳାବାଲାଙ୍କୁ ଚାଉଳ ଦେବାକୁ ପ୍ରୟାସ କରାଯାଉଛି ବୋଲି ଅଭିଯୋଗ ହେଉଛି। ଏଥିରେ ସାମିଲ ହିତାଧିକାରୀ ଡିଲରଙ୍କ ନିକଟରୁ ବୁଲେଟ୍ ଓ କାରରେ ଚାଉଳ ଆଣି ବାହାରେ ବିକ୍ରି କରୁଛନ୍ତି। ଆଉ କେତେଜଣ ଥଳାବାଲା ହିତାଧିକାରୀ ଲୋକଲଜ୍ଜା ଭୟରେ ଡିଲରଙ୍କଠାରୁ ଚାଉଳ ନ ଆଣି ଡିଲରଙ୍କ ସହ ମୂଲଚାଲ କରି କେବଳ ପିଓଏସ୍ ମେଶିନରେ ଟିପଚିହ୍ନ ଦେଇ ଦେଉଥିବା ଜଣାପଡ଼ିଛି। ଏ ବାବଦରେ ସେମାନେ ଡିଲରଠାରୁ ମାସିକିଆ ଅର୍ଥ ହାତେଇ ନେଉଛନ୍ତି। ଚାଉଳ ବଣ୍ଟନ ସରିବା ଓ କ୍ଲୋଜ୍ ବାଲାନ୍ସ ତଥ୍ୟ ପ୍ରଦାନ ପରେ ଯୋଗାଣ ଅଧିକାରୀଙ୍କ ବିଭିନ୍ନ ବଣ୍ଟନ କେନ୍ଦ୍ରରେ ଚଢାଉ ବେଳେ ହିସାବଠାରୁ ଅଧିକ ଚାଉଳ ଗଚ୍ଛିତ ରହିବା ଘଟଣା ପଦାକୁ ଆସିବାର ନଜିର ଏହାକୁ ପ୍ରମାଣିତ କରୁଛି। ଏହାଛଡା ଆଇନର ପରିସରଭୁକ୍ତ ହିତାଧିକାରୀଙ୍କୁ ଗହମ, ଚାଉଳ, କିରୋସିନ ଆଦି ମିଳୁଥିବା ବେଳେ ଯୋଜନାରେ ଅନ୍ତର୍ଭୁକ୍ତ ପରିବାରକୁ କେବଳ ଚାଉଳ ମିଳୁଛି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଉଛି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲା ଯୋଗାଣ ବିଭାଗ ଅଧିକାରୀ ଶ୍ରୀନିବାସ ସାହୁଙ୍କୁ ପଚାରିବାରେ ରାଶନ କାର୍ଡ ଟାର୍ଗେଟ ଅନୁସାରେ ପଟ୍ଟାମୁଣ୍ଡାଇ ବ୍ଲକ ପୂରଣ କରିସାରିଛି। ଅଯୋଗ୍ୟ ହିତାଧିକାରୀଙ୍କ କାର୍ଡ କାଟିଲେ ଯୋଗ୍ୟଙ୍କୁ ଯୋଡ଼ାଯାଇ ପାରିବ। ବ୍ଲକ ଯୋଗାଣ ଅଧିକାରୀ ଜଣେ ଥିବାରୁ ଗାଁ ଗାଁରେ ସର୍ଭେ କରି ଯୋଗ୍ୟ ଓ ଅଯୋଗ୍ୟ ଜାଣିବା ସମ୍ଭବପର ହେଉନାହିଁ। ବ୍ଲକରେ ସର୍ଭେହେଲେ ତାହା ଜଣାପଡ଼ିବ ବୋଲି ସେ କହିଛନ୍ତି।

## ଅଗ୍ନିକାଣ୍ଡରେ ୬ ବଖରା ପୋଡ଼ି ପାଉଁଶ

ରାଜନଗର, ୮।୫ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ହାତିନା ଗାଁରେ ମଙ୍ଗଳବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଅଜୟ ସେଠୀ, ବିଜୟ ସେଠୀ, ଗୋପାଳ ସେଠୀଙ୍କ ୬ ବଖରା ଘର ସମେତ ସମସ୍ତ ଆସବାସପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ପରିବାର ଲୋକେ ଘରେ ଶୋଇଥିବା ସମୟରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡ ଏତେ ଭୟାବହ ଥିଲା ଯେ ପରିବାର ଲୋକେ ପିନ୍ଧାଲୁଗା ବ୍ୟତୀତ ଅନ୍ୟ କିଛି ସାମଗ୍ରୀ ଉଦ୍ଧାର କରିପାରି ନ ଥିଲେ। ଖବରପାଇ ରାଜନଗର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ମାତ୍ର ସେତେବେଳକୁ ଏହି ୩ ପରିବାରର ସର୍ବସ୍ୱ ପୋଡ଼ି ପାଉଁଶ ହୋଇଯାଇଛି। ବିପନ୍ନ ପରିବାରକୁ ହାତିନା ପଞ୍ଚାୟତର ସରପଞ୍ଚ ସମୀର କୁମାର ସେଠୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଜ୍ୟୋତି ରଞ୍ଜନ ସାମଲ, ୱାର୍ଡସଭ୍ୟ ହୃଷିକେଶ ପ୍ରଧାନ, ଅରୁଣ କୁମାର ରାଉତ, ମନୋଜ ସାହୁ, ସତ୍ୟବାଦୀ ରାଉତ, ପ୍ରାଣକୃଷ୍ଣ ରାଉତ, ବିଚିତ୍ର ସାହୁ ପ୍ରମୁଖ ଭେଟି ସମବେଦନା ଜଣାଇବା ସହ ପଞ୍ଚାୟତ ପକ୍ଷରୁ ୭ଦିନର ରନ୍ଧାଖାଦ୍ୟର ବ୍ୟବସ୍ଥା କରିଛନ୍ତି। ବିପନ୍ନ ପରିବାରପଞ୍ଚାୟତ କାର୍ଯ୍ୟାଳୟରେ ଆଶ୍ରୟ ନେଇଥିବାବେଳେ ସେମାନଙ୍କୁଲୁଗାପଟା ଯୋଗାଇଦିଆଯାଇଛି।

## ରାସ୍ତାରେ ପଙ୍କ: ବାଇକ୍ ଚକା ଖସି ୨ ଆହତ



ପଟ୍ଟାମୁଣ୍ଡାଇ ଅଳଭା- ଗଣ୍ଡିକିଆ କେନାଲ ରାସ୍ତାରେ ପଙ୍କ ଯୋଗୁ ଦୁର୍ଘଟଣା ବଢୁଛି।

ପଟ୍ଟାମୁଣ୍ଡାଇ, ୮।୫ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଳଭା-ଗଣ୍ଡାକିଆ କେନାଲ ରାସ୍ତା ପାର୍ଶ୍ୱ ନୟନଜୋରିକୁ ଜବରଦଖଲ କରି ପଙ୍କ ମାଟି ପକାଇ ପୋତେଇ କରାଯାଇଛି। ବୁଧବାର ଅପରାହ୍ନରେ ବର୍ଷା ହେବାରୁ ପଙ୍କୁଆ ମାଟି ରାସ୍ତାକୁ ବୋହିଆସି କାଦୁଅ ହୋଇଛି। ଫଳରେ ବାଇକ୍ ଚକା ଖସି ୨ ଆରୋହୀ ରାସ୍ତାରେ ପଡ଼ି ଆହତ ହୋଇଥିବା ଅଭିଯୋଗ ହୋଇଛି । ଏହି ରାସ୍ତା ସ୍ଥାନୀୟ ଅଞ୍ଚଳର ଲାଇଫ୍‌ଲାଇନ୍ କହିଲେ ଚଳେ। ପ୍ରତିଦିନ ଉକ୍ତ ରାସ୍ତାରେ ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଯାତାୟତ କରିଥାଆନ୍ତି । ସେଠାରେ ଏକାଧିକ ଶିକ୍ଷାନୁଷ୍ଠାନ ରହିଛି। ଉକ୍ତ ରାସ୍ତା ଦେଇ ଲୋକେ ପଟ୍ଟାମୁଣ୍ଡାଇ, ରାଜନଗର, କେନ୍ଦ୍ରାପଡ଼ା, ମହାକାଳପଡ଼ା, ବଡପଡ଼ା ଆଦି ବଜାରକୁ ଯାତାୟତ କରନ୍ତି । ହେଲେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତାକୁ ଏଭଳି ହତାଦର କରାଯାଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

## ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ଆଳି,୮।୫ (ବନମାଳୀ ସେନାପତି)



ବିଧାୟକ ପ୍ରାର୍ଥୀ ପ୍ରତାପ କେଶରୀ ଦେବ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି।

ବୁଧବାର ଆଳି ବ୍ଲକ ୨ ନମ୍ବର ଜୋନର ନୂଆପଡ଼ା ପଞ୍ଚାୟତରେ ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ ଓ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଆଳି ବିଧାୟକ ତଥା ବିଜେଡି ପ୍ରାର୍ଥୀ ପ୍ରତାପ କେଶରୀ ଦେବ ପଞ୍ଚାୟତରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଶୁଭାରମ୍ଭ କରିବା ପରେ ପଞ୍ଚାୟତର ସମସ୍ତ ୱାର୍ଡରେ ପଦଯାତ୍ରା କରିଥିଲେ । ଏହି ପଦଯାତ୍ରାରେ ଜିଲା ପରିଷଦ ଭୀଷ୍ମ ମହାନ୍ତି, ନୂଆପଡ଼ା ସରପଞ୍ଚ ଗୀତାଞ୍ଜଳି ବେହେରାଙ୍କ ସମେତ ପଞ୍ଚାୟତର ଶତାଧିକ ବିଜେଡି କର୍ମୀ ସାମିଲ ହୋଇଥିଲେ। ସେହିପରି ୪ ନମ୍ବର ଜୋନ୍‌ର ଦଶିପୁର ଗ୍ରାମ ପଞ୍ଚାୟତରେ ମଧ୍ୟ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ସହିତ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦଶିପୁର ସରପଞ୍ଚ ପ୍ରଦ୍ୟୋତ ମହାନ୍ତି, ସମିତି ସଭ୍ୟ ପ୍ରତିନିଧି ସୁରେଶ ବରଜ,ଜଗନ୍ନାଥ ସାମଲ,ରବିନ୍ଦ୍ର ମଲିକଙ୍କ ସମେତ ବିଜୁ ଜନତା ଦଳର ଶତାଧିକ କର୍ମୀ ଉପସ୍ଥିତ ଥିଲେ। ସେହିପରି କେତୁଆପାଳ ଓ ଅରଗଳ ପଞ୍ଚାୟତରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

## ଦ୍ୱିତୀୟ ଦିନରେ ୧୧ ନାମାଙ୍କନ ଫର୍ମ ବିକ୍ରି

### ଜଣେ ପ୍ରାର୍ଥିପତ୍ର ଦାଖଲ କଲେ

କେନ୍ଦ୍ରାପଡ଼ା, ୮।୫ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାର ଲୋକସଭା ଓ ବିଧାନସଭା ପାଇଁ ମଙ୍ଗଳବାର ମୋଟ ୨୫ଟି ଫର୍ମ ବିକ୍ରି ହୋଇଥିଲା । ଦ୍ୱିତୀୟ ଦିନ ଅର୍ଥାତ୍ ବୁଧବାର ମୋଟ ୧୧ ଫର୍ମ ବିକ୍ରି ହୋଇଛି। ଲୋକସଭା ପାଇଁ ସମାଜବାଦୀ ପାର୍ଟି ପକ୍ଷରୁ ରବିନ୍ଦ୍ରନାଥ ବେହେରା ଓ ପ୍ରତାପ କୁମାର ମହାନ୍ତି ଫର୍ମ କିଣିଛନ୍ତି। ସେହିପରି ପାଟକୁରା ବିଧାନସଭା ଆସନ ପାଇଁ ରୋହିତ ରୋଶନ କାନୁନଗୋ, କଂଗ୍ରେସରୁ ରତିକାନ୍ତ କାନୁନଗୋ ଓ ବିଏସ୍‌ପି ପକ୍ଷରୁ ଚିଦାନନ୍ଦ ପରିଡ଼ାଙ୍କ ନାମରେ ଫର୍ମ ବିକ୍ରୟ ହୋଇଛି। କେନ୍ଦ୍ରାପଡ଼ା ବିଧାନସଭା ଆସନ ପାଇଁ ମୁରଲୀଧର ସେଠୀ, ଭାଜପାର ଗୀତାଞ୍ଜଳି ସେଠୀ ଓ କଂଗ୍ରେସର ସିପ୍ରା ମଲିକ ଫର୍ମ କ୍ରୟ କରିଛନ୍ତି। ଆଳି ବିଧାନସଭା ପାଇଁ କିଶୋର କୁମାର ପଣ୍ଡା ଓ କଂଗ୍ରେସର ଦେବସ୍ମିତା ଶର୍ମା ଫର୍ମ କ୍ରୟ କରିଛନ୍ତି । ମହାକାଳପଡ଼ା ବିଧାନସଭା କ୍ଷେତ୍ର ପାଇଁ ଏଏପିର ଦେବାଶିଷ ଦାସ ଫର୍ମ କ୍ରୟ କରିଛନ୍ତି । ରାଜ୍ୟର ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ମାନସ ଲୋକଶକ୍ତି ଦଳ (ଏମଏଲଡି)ର ପ୍ରାର୍ଥୀ ବରଦା ପ୍ରସନ୍ନ ମଲିକ ପାଟକୁରା ବିଧାନସଭା ବିଧାୟକ ପଦବୀ ପାଇଁ ବୁଧବାର ପ୍ରାର୍ଥୀପତ୍ର ଦାଖଲ କରିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ କଳସଯାତ୍ରା



ରଘୁନାଥପୁର, ୮।୫(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ହରିଶପୁରସ୍ଥିତ ମା' ମଲିକେଶ୍ୱରୀ ପୀଠରେ ଶ୍ରୀ ଶ୍ରୀ ଚିନ୍ତାମଣିଶ୍ୱରଙ୍କ ଅଷ୍ଟମ ବାର୍ଷିକ ଉତ୍ସବ ଉପଲକ୍ଷେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ବୁଧବାର ସ୍ଥାନୀୟ ତାରପୁରର ମା' ନାରାୟଣୀ ପୀଠ ମହାନଦୀ ଘାଟରେ ପହଞ୍ଚି ପୂଜାର୍ଚ୍ଚନା କରି ଗ୍ରାମବାସୀ କଳସରେ ଜଳ ଉଠାଇଥିଲେ। ସେହିଠାରୁ ଘଣ୍ଟବାଦ୍ୟ ଓ କୀର୍ତ୍ତନରେ ଏକ ଶୋଭାଯାତ୍ରାରେ ଆସି ଯଜ୍ଞମଣ୍ଡପରେ ପହଞ୍ଚି ଥିଲେ। ଘଟ ସ୍ଥାପନ କାର୍ଯ୍ୟ ସମାପନ ପରେ ପଣ୍ଡିତମାନଙ୍କ ଦ୍ୱାରା ଯଜ୍ଞକୁଣ୍ଡରେ ଅଗ୍ନି ସ୍ଥାପନ କରାଯାଇ ଆହୁତି ପ୍ରଦାନ କରାଯାଇଥିଲା। କର୍ତ୍ତା ଓ କର୍ତ୍ତୀ ଭାବେ ବିନୋଦ ବିହାରି ମହାନ୍ତି ଓ ସ୍ୱାତି ସୁଚାରିତା ମହାନ୍ତି ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଗ୍ରାମବାସୀଙ୍କ ସହଯୋଗରେ ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାବେଳେ ଶିକ୍ଷାବିତ୍ ଅମୂଲ୍ୟ ଚନ୍ଦ୍ର ଦାସ, ଦିଲୀପ ପଟ୍ଟନାୟକ, ପ୍ରହଲ୍ଲାଦ ସାହୁ, ଦୁର୍ଗାପ୍ରସାଦ ମହାନ୍ତି, ରଞ୍ଜିତ ଭୂୟାଁ, ବିଜୟ କୁମାର ନାୟକଙ୍କ ସହ ଗ୍ରାମର ଯୁବକମାନେ କଳସ ଯାତ୍ରାରେ ସହଯୋଗ କରିଥିଲେ।

## ପ୍ରାର୍ଥିନୀ ପ୍ରତିମାଙ୍କୁ ନେଇ ନାଉଗାଁ ବ୍ଲକ କଂଗ୍ରେସରେ ଉତ୍ସାହ

### ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ

ନାଉଗାଁ, ୮।୫ (ସୁଧା ବେହୁରା)

ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଚଳିତ ନିର୍ବାଚନ ପୂର୍ବରୁ କଂଗ୍ରେସ ମଙ୍ଗ ଧରିଥିବା ଚିରଞ୍ଜୀବ ବିଶ୍ୱାଳ ଏକପ୍ରକାର ନିଷ୍କ୍ରିୟ ରହିଥିଲେ। ଏପରିକି ଦୀର୍ଘଦିନ ହେବ ସେ କୌଣସି ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେଉ ନ ଥିଲେ। ଫଳରେ ନାଉଗାଁ ବ୍ଲକ କଂଗ୍ରେସ କର୍ମୀମାନେ ନିରୁତ୍ସାହିତ ହୋଇପଡିଥିଲେ। କିଛିଦିନ ତଳେ ଚିରଞ୍ଜୀବ କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ। ତାଙ୍କ ସହ ବ୍ଲକ କଂଗ୍ରେସ ସଭାପତି ସମେତ କିଛି ଛାମୁଆ କର୍ମୀ ମଧ୍ୟ ବିଜେଡିରେ ସାମିଲ ହୋଇଥିଲେ। ଏଥିଯୋଗୁ କଂଗ୍ରେସ କର୍ମୀମାନେ ହତାଶ ହୋଇପଡିଥିଲେ। ବ୍ଲକ କଂଗ୍ରେସ ସଭାପତି ଭାବେ ବିଚିତ୍ରାନନ୍ଦ ଲେଙ୍କା ନିଯୁକ୍ତ ପାଇବା ପରେ ପୁଣି ସଙ୍ଗଠନକୁ ସଜାଡ଼ିବାକୁ ପ୍ରୟାସ ଜାରି ରଖିଛନ୍ତି। ବିଧାନସଭା ପ୍ରାର୍ଥିନୀ ପ୍ରତିମା ମଲିକ ଇତିମଧ୍ୟରେ ନାଉଗାଁ ବ୍ଲକ ଆସି କଂଗ୍ରେସ କର୍ମୀଙ୍କ ସହ ଆଲୋଚନା କରି ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେଉଛନ୍ତି, ଯାହାଦ୍ୱାରା କଂଗ୍ରେସ କର୍ମୀଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଥିବା ବ୍ଲକ କଂଗ୍ରେସ ସଭାପତି ଲେଙ୍କା ମତବ୍ୟକ୍ତ କରିଛନ୍ତି।



ନାଉଗାଁରେ କର୍ମୀମାନଙ୍କ ଗହଣରେ କଂଗ୍ରେସ ବିଧାୟିକା ପ୍ରାର୍ଥୀ ପ୍ରତିମା ମଲ୍ଲିକ।

## ବଜ୍ରପାତରେ ଚାଷୀ ମୃତ

ଆଳି, ୮।୫ (ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ମାହାରାକୁଳ ଗ୍ରାମର ଚାଷୀ ପ୍ରଦୀପ ମଲିକ(୫୫)ଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ପ୍ରଦୀପ ବୁଧବାର ଅପରାହ୍ନରେ ଚାଷ ଜମିକୁ ଯାଇଥିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା । ଫଳରେ ସେହି ବିଲରେ ହିଁ ପ୍ରଦୀପ ଟଳିପଡ଼ିଥିଲେ । ତାଙ୍କୁ ଆଳି ମେଡିକାଲ ନେବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି। ସେହିପରି ମାଣିକପାଟଣା ପଞ୍ଚାୟତ ବିଲଦାଣ୍ଡିର ଜଗା ପରିଡ଼ାଙ୍କ ଦୁଇ ଗାଈ ବଜ୍ରପାତରେ ମରିଥିବା ଖବର ମିଳିଛି।

## ଜିଲା ହସ୍ତଶିଳ୍ପୀ, ବୁଣାକାର ସମାବେଶ



ସମାବେଶରେ ଯୋଗ ଦେଇଥିବା ଅତିଥିମାନେ।

ତିର୍ତ୍ତୋଲ, ୮।୫ (ଗୌରାଙ୍ଗ ଚରଣ ସ୍ୱାଇଁ)

ସାରା ରଜ୍ୟରେ ହସ୍ତଶିଳ୍ପୀ ଓ ବୁଣାକାରମାନେ ଅବହେଳିତ ଅବସ୍ଥାରେ ରହିଥିବା ବେଳେ ସେମାନଙ୍କ ପରିବାର ସମସ୍ୟା ମଧ୍ୟରେ ଗତି କରୁଛି। ଏହାର ସମାଧାନ ଲାଗି ଜଗତ୍‌ସିଂହପୁର ଜିଲା ହସ୍ତଶିଳ୍ପୀ ଓ ବୁଣାକାରମାନଙ୍କ ପକ୍ଷରୁ ସ୍ଥାନୀୟ ଆନନ୍ଦ ମଣ୍ଡପ ସଭାଗୃହରେ ଏକ ସମାବେଶ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ବହୁ ବୁଣାକାର ଯୋଗଦେଇଥିଲେ। ଓଡ଼ିଶା ଶିଳ୍ପୀ ମହାସଂଘର କର୍ମକର୍ତ୍ତା ଉଦୟ ମହାନ୍ତିଙ୍କ ସଭାପତିତ୍ୱରେ ସଭା ଆୟୋଜିତ ହୋଇଥିଲା। ଏଥିରେ ସମ୍ପାଦକ ପ୍ରିୟରଞ୍ଜନ କର ମଞ୍ଚ ପରିଚାଳନା କରିଥିଲେ। ମହାସଂଘର ସଙ୍ଗଠନ ସମ୍ପାଦିକ ସରୋଜିନୀ ଦାସ, ହସ୍ତଶିଳ୍ପୀ, ବୁଣାକାରମାନଙ୍କ ଏକତା ଓ ତା'ର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। କାରିଗରମାନଙ୍କ ବିକାଶ ଓ ମାର୍କେଟିଂ କୌଶଳ ଉପରେ ଯାଜପୁର ଜିଲା ଶାଖା ସଭାପତି ପ୍ରଶାନ୍ତ ବେହେରା ଆଲୋଚନା କରିଥିଲେ। ମହାସଂଘର ରାଜ୍ୟ କୋଷାଧ୍ୟକ୍ଷ ଅଶୋକ କୁମାର ସ୍ୱାଇଁ, ଶିଳ୍ପୀମାନଙ୍କ ଭତ୍ତା ଓ ପ୍ରୋତ୍ସାହନର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଅନୁଷ୍ଠାନର ଉପଦେଷ୍ଟା ସିଦ୍ଧାର୍ଥ ଘୋଷ ବୁଣାକାରମାନଙ୍କ ସମସ୍ୟା ଓ ତା'ର ସମାଧାନ ସମ୍ପର୍କରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ କେଶରୀ ରାୟ , କନକ ସୁତାର ଓ ଧରଣୀଧର ଦାସ ପ୍ରମୁଖ ସଂଘୀୟ ଏକତାକୁ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା କେତେଜଣ କୁଶଳୀ ବୁଣାକାର ଓ ଶିଳ୍ପୀମାନଙ୍କୁ, ଅତିଥି ମାନଙ୍କ ଦ୍ୱାରା ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କାଦମ୍ବରୀ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ଶିଖରଘାଟ-ବାଲିଭଉଁରି ରାସ୍ତା ସାରା ଖାଲ

■ ବିନା ଟେଣ୍ଡରରେ ଚାଲିଛି, ନିମ୍ନମାନର କାମ

■ ପ୍ରତ୍ୟହ ଘଟୁଛି ଦୁର୍ଘଟଣା

ନାଉଗାଁ,୮।୫ (ସୁଧା ବେହୁରା)

ନାଉଗାଁ ବ୍ଲକର ମୁଖ୍ୟ ସଂଯୋଗକାରୀ ରାସ୍ତା ହେଉଛି ଶିଖରଘାଟ-ବାଲିଭଉଁରି ରାସ୍ତା। ଏହି ୨୩ କିଲୋମିଟରବିଶିଷ୍ଟ ରାସ୍ତାଟି ଜଗତ୍‌ସିଂହପୁର ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ବିଭାଗ ପକ୍ଷରୁ ପ୍ରତିବର୍ଷ ଉକ୍ତ ରାସ୍ତାର ମରାମତି ନାମରେ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଉଛି। ହେଲେ ରାସ୍ତା ଅବସ୍ଥା ସୁଧୁରିବାରେ ନାଁ ଧରୁନି। ନିମ୍ନମାନର କାମ ଯୋଗୁ ରାସ୍ତାର ଅବସ୍ଥା ପରିବର୍ତ୍ତନ ହେଉ ନ ଥିବା ସ୍ଥାନୀୟ ଜନସାଧାରଣ ମତବ୍ୟକ୍ତ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଉକ୍ତ ରାସ୍ତା କାମ ପାଇଁ ବିଭାଗ ପକ୍ଷରୁ କୌଣସି ଟେଣ୍ଡର କରାଯାଉନାହିଁ। ବିନା ଟେଣ୍ଡରରେ ମନଇଚ୍ଛା ଯନ୍ତ୍ରୀଙ୍କ ସମ୍ପର୍କୀୟଙ୍କୁ କାମ ପ୍ରଦାନ କରାଯାଇ ରାସ୍ତାକାର୍ଯ୍ୟ କରାଯାଉଥିବାରୁ ଠିକ୍ ଭାବେ ହେଉ ନ ଥିବା ପୂର୍ବତନ ଭାଜପା ନାଉଗାଁ ମଣ୍ଡଳ ଯୁବ ସଭାପତି ଶ୍ରୀକାନ୍ତ ସ୍ୱାଇଁ ମତବ୍ୟକ୍ତ କରିଛନ୍ତି। ଉକ୍ତ ରାସ୍ତାର ପାଳସାହି ଛକ ନିକଟ, ମୁଗେଇ ଛକ, ବ୍ଲକ ଛକ ଆଦିରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି, ଫଳରେ ଅଜଣା ଗାଡ଼ିଚାଳକ ଖାଲ ସମ୍ପର୍କରେ ଜାଣିପାରୁନାହାନ୍ତି। ଏଥିଯୋଗୁ ପ୍ରତ୍ୟହ ଏହି ରାସ୍ତାରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଏହି ରାସ୍ତାଟି ନାଉଗାଁ ବ୍ଲକ ଦେଇ ପୁରୀ, କଟକ, ଜଗତ୍‌ସିଂହପୁରର ସଦର ମହକୁମା, କେନ୍ଦ୍ରାପଡା ଆଦିକୁ ସଂଯୋଗ କରୁଛି। ଏହି ରାସ୍ତା ଦେଇ ପ୍ରତ୍ୟହ ଯାତ୍ରୀବାହୀ, ମାଲବାହୀ ଗାଡ଼ି ଯିବାଆସିବା କରୁଛି। ତେଣୁ ଉକ୍ତ ରାସ୍ତାଟିର ଗୁରୁତ୍ୱ ରହିଥିବା ବେଳେ ମରାମତି ପାଇଁ ସ୍ଥାନୀୟ ଜନସାଧାରଣ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଯନ୍ତ୍ରୀ ବଳରାମ ସ୍ୱାଇଁଙ୍କୁ ପଚାରିବାରେ କୌଣସି ସମ୍ପର୍କୀୟଙ୍କୁ କାମ ପ୍ରଦାନ କରାଯାଉନାହିଁ। ଯେଉଁ ସ୍ଥାନରେ ଖାଲ ହୋଇଛି ଖୁବ୍‌ଶୀଘ୍ର କାମ କରାଯିବ ବୋଲି ସେ କହିଛନ୍ତି।



ରାସ୍ତାରେ ସୃଷ୍ଟି ହୋଇଥିବା ଖାଲ।

